

ଯେତେବେଳେ ଜଣେ ଭୁଲ୍ କରି ବସେ ଲୋକେ ତାକୁ ଥଟ୍ଟା କରନ୍ତି, କିନ୍ତୁ ଯେତେବେଳେ ସେ ନିଜ ଭୁଲ୍ ବୁଝି କ୍ଷମା ମାଗେ, ସେତେବେଳେ ସେଇ ଲୋକ ତାକୁ ଆଦର କରନ୍ତି।
-ମାର୍ଟିନ୍ ଲୁଥର



# ବିଦ୍ୟୁତ୍ ଦେୟ ବୃଦ୍ଧିକୁ ହେଲା ବିରୋଧ

■ବିଦ୍ୟୁତ୍ ନିୟାମକ ଆୟୋଗର ଜନଶୁଣାଣି
■ଜୟପୁର ବିଜେଡି ପକ୍ଷରୁ ସ୍ମାରକପତ୍ର

ଜୟପୁର,୧୪।୨(ନି.ପ୍ର./ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ଗଠିତ ବିଦ୍ୟୁତ ନିୟାମକ ଆୟୋଗ ପକ୍ଷରୁ ଜୟପୁରସ୍ଥିତ ସାନ୍ଧ୍ୟ ଫଙ୍କସନ ହଲ୍‌ରେ ଶୁକ୍ରବାର ବିଜୁଳି ଦେୟ ବୃଦ୍ଧି ପାଇଁ ଜନଶୁଣାଣି ଆୟୋଜିତ ହୋଇଛି। ଆୟୋଗର ଅଧ୍ୟକ୍ଷ ଉପେନ୍ଦ୍ରନାଥ ବେହେରା ଓ ସଦସ୍ୟ ଏସ୍.କେ. ପାରିହି ଯୋଗଦେଇ ଉପଭୋକ୍ତାଙ୍କ ଆପତ୍ତି ଅଭିଯୋଗ ଶୁଣିଛନ୍ତି। ଏଥିରେ ସମସ୍ତ ଉପଭୋକ୍ତା ବିଦ୍ୟୁତ ଦେୟ ବୃଦ୍ଧିକୁ ବିରୋଧ କରିଛନ୍ତି।

ଅବିଭକ୍ତ କୋରାପୁଟ ଜିଲାରେ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କ ସଂଖ୍ୟା ଅଧିକ। ଅଧିକାଂଶ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ଦର ବୃଦ୍ଧି ସେମାନଙ୍କ ଉପରେ ଆର୍ଥିକ ବୋଝ ସାଜିବା ସହ ଗୁଜୁରାଣ ପ୍ରଭାବିତ ହେବାର ଆଶଙ୍କା ରହିଛି। ସେହିପରି ବାଣିଜ୍ୟ କାରଖାନାର ବିଜୁଳି ଦେୟ ବୃଦ୍ଧି କରାଯିବା ପାଇଁ ବିଚାର ହୋଇଥିଲେ ମଧ ଘରୋଇ ବିଦ୍ୟୁତ ଦେୟ ବୃଦ୍ଧି ସ୍ଥଗିତ ରଖିବାକୁ ଦାବି ହୋଇଥିଲା। ସହର ଓ ଗ୍ରାମାଞ୍ଚଳରେ ସାଉଥ୍‌କୋ ଉପଯୁକ୍ତ ସେବା ଦେଉ ନ ଥିବା ଅଭିଯୋଗ କରାଯାଇଥିଲା। ସହରର ବିଭିନ୍ନ ବିଦ୍ୟୁତ ତାର, ଖୁଣ୍ଟ ଓ ଟ୍ରାନ୍ସଫର୍ମରର ରକ୍ଷଣାବେକ୍ଷଣ ଅଭାବ ଯୋଗୁ ତାହା ବିପଦସଙ୍କୁଳ ଅବସ୍ଥାରେ



ଜନଶୁଣାଣି ଚାଲିଛି।

ରହିଛି। ବିଦ୍ୟୁତ ମରାମତି ପାଇଁ ଫ୍ୟୁଜ୍ କଲ ସେଣ୍ଟରକୁ ଫୋନ କଲେ ମଧ ସମସ୍ୟାର ସମାଧାନ ହେଉନାହିଁ। ତେଣୁ ଉପଭୋକ୍ତାଙ୍କୁ ଉପଯୁକ୍ତ ସେବା ମିଳୁ ନ ଥିବାବେଳେ ବିଦ୍ୟୁତ ଦେୟ ବୃଦ୍ଧି ସ୍ଥଗିତ ରଖିବାକୁ ଦାବି ହୋଇଛି। ସାଉଥ୍‌କୋରେ ସ୍ଥାନୀୟ ଶିକ୍ଷିତ ଯୁବତୀ ଯୁବକଙ୍କୁ ନିଯୁକ୍ତି ମିଳୁନାହିଁ। ଯେଉଁମାନେ ନିଯୁକ୍ତି ପାଇଛନ୍ତି, ସେମାନେ ଠିକାସଂସ୍ଥା ଅଧୀନରେ କାମ କରୁଛନ୍ତି। ସାଉଥ୍‌କୋ ଯେଉଁ ପରିମାଣରେ ରାଜସ୍ୱ ଆଦାୟ କରୁଛି, ସେହି ପରିମାଣରେ ସେବା ଦେବାରେ ଅକ୍ଷମ ହୋଇଥିବା ଚାମ୍ବର ଅପ କମର୍ସର ସମ୍ପାଦକ ଭି. ପ୍ରଭାକର କହିଛନ୍ତି। ୩୩ କେଭି ଲାଇନ ୨୦ ଫୁଟ ଉପରେ ଯିବାର ନିୟମ ଥିବାବେଳେ ଜୟପୁରରେ ୮ରୁ ୧୦ ଫୁଟ ଉଚ୍ଚରେ ଏହା ଲଗାଯାଇଛି। ଏଥିରେ ମୃତାହତ ହେଲେ କିଏ ଦାୟୀ ରହିବ ବୋଲି ପ୍ରଶ୍ନ କରିଥିଲେ ଉପଭୋକ୍ତା ବାଲା ରାୟ। ୪ ବର୍ଷ ତଳେ ଜୟପୁରରେ ଦଶହରା ବେଳେ ବିଦ୍ୟୁତ ଲାଇନ ଛିଣ୍ଡି ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ସାଉଥ୍‌କୋ ଇଡି ଆଶିଷ ଈଶ୍ୱର ପଟେଲ, ଏଓ ପି.କେ. ସାହୁ, ସିଇଓ ଅରୁଣ କୁମାର, ବରିଷ୍ଠ ଜିଏମ୍ ଜେ.ସି. ପଣ୍ଡା, ଜିଏମ୍ ଫାଇନାନ୍ସ ବି.ଏନ୍. ମଲ୍ଲିକ, ଜିଏମ୍ କମର୍ସ ଲେଙ୍କା ପ୍ରସାଦ, ଏସ୍‌ଇ ମନ୍ମଥନାଥ ମିଶ୍ର, ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ ଓ ଉପଜିଲାପାଳ ଲୋକନାଥ ଦଳବେହେରା ଉପସ୍ଥିତ ଥିଲେ। ଜୟପୁର ବିଜେଡି ପକ୍ଷରୁ ଡ. ଇନ୍ଦିରା ନନ୍ଦ ଓ ଟାଉନ ସଭାପତି ହରପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଦ୍ୟୁତ ଦେୟ ବୃଦ୍ଧିକୁ ବିରୋଧ କରି ସ୍ମାରକପତ୍ର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଷ୍ଣୁ ପ୍ରସାଦ ପାତ୍ର, ରମାକାନ୍ତ ରାଉଳ, ବାଦଲ ସାନ୍ତ୍ରାପାତ୍ର, ମହେନ୍ଦ୍ର ଅଧିକାରୀ, ସହଦେବ ପଟ୍ଟନାୟକ, ସୁକାନ୍ତ ପଟ୍ଟନାୟକ, ରାମନାଥ ମିଶ୍ର, ବିଜୟ ଜେନାଦେଓ, ଭାରତ ପଟ୍ଟନାୟକ, ରମେଶ ନାୟକ, ଟ୍ୱିଙ୍କଲ ମିଶ୍ର, ମଧୁସ୍ମିତା ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପୁଲଓ୍ୱାମା ଆକ୍ରମଣର ତଦନ୍ତ ଦାବିରେ ଦସ୍ତଖତ ଅଭିଯାନ

ଜୟପୁର,୧୪।୨(ଡି.ଏନ୍.ଏ.): ୨୦୧୯ ଫେବୃୟାରୀ ୧୪ରେ ଜାମ୍ମୁ ଓ କାଶ୍ମୀରର ପୁଲଓ୍ୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ୪୨ଜଣ କେନ୍ଦ୍ରିୟ ସୁରକ୍ଷା ବାହିନୀର ଯବାନ ଶହୀଦ ହୋଇଥିଲେ। ଏହାର ଏକବର୍ଷ ପୂର୍ତ୍ତି ଅବସରରେ ଘଟଣାର ତଦନ୍ତ ଦାବି କରି ଜୟପୁର ପ୍ରସାଦରାଓ ପେଟା ଇନ୍ଦିରା ଛକଠାରେ ଏକ ଦସ୍ତଖତ ଅଭିଯାନ ଆୟୋଜନ କରାଯାଇଛି। ବିଦ୍ୟାଳୟ ଛାତ୍ରୀଛାତ୍ର ଓ ସାଧାରଣ ଜନତା ଏଥିରେ ଦସ୍ତଖତ କରିବା ସହ ଘଟଣାର ତଦନ୍ତ କରାଯାଇ ଏହାର ରିପୋର୍ଟକୁ ସାର୍ବଜନୀନ କରିବାକୁ ଦାବି କରିଛନ୍ତି। ଅଖିଳ ଭାରତୀୟ କଂଗ୍ରେସ କମିଟିର ସଦସ୍ୟ ରବୀନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଏହି ଅଭିଯାନ ଆୟୋଜନ କରାଯାଇଥିଲା। ଏହି ଦାବି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦିଆଯିବ ବୋଲି ମହାପାତ୍ର ପ୍ରକାଶ କରିଛନ୍ତି।

### ବିଡିଓଙ୍କୁ ଦାବିପତ୍ର ଦେଲେ କ୍ଲଷ୍ଟର କୋର୍ଡିନେଟର



ଦଶମନ୍ତପୁର,୧୪।୨(ଡି.ଏନ୍.ଏ.): ଦଶମନ୍ତପୁର ବ୍ଲକରେ ଥିବା ୧୬ଟି ପଞ୍ଚାୟତର କ୍ଲଷ୍ଟର କୋର୍ଡିନେଟରଙ୍କୁ ବେତନରେ ଅବହେଳା ନେଇ ଶୁକ୍ରବାର ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି। ପଞ୍ଚାୟତରେ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତାରୁ କିପରି ହିତାଧିକାରୀ ବଞ୍ଚିତ ନ ହେବେ, ତାହାକୁ ଆଖି ଆଗରେ ରଖି ସରକାର ୨୦୧୮ ସେପ୍ଟେମ୍ବରରେ ୧୬ ଜଣ କ୍ଲଷ୍ଟର କୋର୍ଡିନେଟରଙ୍କୁ ନିଯୁକ୍ତି ଦେଇଥିଲେ। ଫଳରେ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ବିଭାଗରେ ସେମାନେ ୨ ବର୍ଷ ହେବ କାର୍ଯ୍ୟ କରି ଆସୁଥିଲେ। ତେବେ ନିଯୁକ୍ତିର ନିର୍ଦ୍ଧାରିତ ସମୟ ସମାପ୍ତ ହେବା ପରେ ମଧ ସେମାନଙ୍କୁ ୨ ବର୍ଷର ବେତନ ଦେବା ପାଇଁ ଶୁକ୍ରବାର ୧୬ ଜଣ କ୍ଲଷ୍ଟର କୋର୍ଡିନେଟର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡମ୍ବରୁଧର ମଲ୍ଲିକଙ୍କୁ ଏକ ଲିଖିତ ଦାବିପତ୍ର ଦେଇଛନ୍ତି। ବିଏସଏସଓ ଗୌତମ ଚରଣ ଗୁମାଲଙ୍କ ସହ ଆଲୋଚନା କରିବା ପରେ ବେତନ ବ୍ୟବସ୍ଥା କରିବା ପାଇଁ ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

### ପୁଲଓ୍ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ବୋରିଗୁମ୍ମା,୧୪।୨(ଡି.ଏନ୍.ଏ.): ବୋରିଗୁମ୍ମାସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପୁଲଓ୍ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧକ୍ଷ ସଂଜୀବ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ବୋରିଗୁମ୍ମା ଥାନ ଅଧିକାରୀ ସଞ୍ଜୟ ମଣ୍ଡଳ, ପ୍ରେସକ୍ଲବ ସଭାପତି ବିଜୟ ନାରାୟଣ ସାହୁ ଯୋଗ ଦେଇଥିଲେ। ଶହୀଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ କ୍ୟାଣ୍ଡେଲ ଜାଳି ଶହୀଦଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରିଥିଲେ। ଶିକ୍ଷୟିତ୍ରୀ ତପସ୍ୱିନୀ ପଣ୍ଡା ଓ ଛାତ୍ରୀଛାତ୍ର ଦେଶାତ୍ମବୋଧକ ଗୀତ ଗାଇଥିଲେ।

# ଜନଶୁଣାଣିରେ ଉଠିଲା ଅଭିଯୋଗ

## ହିତାଧିକାରୀଙ୍କୁ ଟଙ୍କା ମିଳୁନି ନିର୍ମାଣ କାମ ନିମ୍ନମାନର

ଜୟପୁର,୧୪।୨(ଡି.ଏନ୍.ଏ./ନି.ପ୍ର.)

ଜୟପୁର ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ଜନଶୁଣାଣି ଶୁକ୍ରବାର ଅନୁଷ୍ଠିତ ହୋଇଛି। ଆବାସ ନିର୍ମାଣ, ଗଭୀର କୂଅ ଖୋଳା ଭଳି ଉନ୍ନୟନ କାର୍ଯ୍ୟ ହିତାଧିକାରୀଙ୍କୁ ଟଙ୍କା ମିଳି ନ ଥିବା ଏଥିରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ବିଭିନ୍ନ ରାସ୍ତା ଓ ଅନ୍ୟ ଉନ୍ନତିମୂଳକ କାର୍ଯ୍ୟ ନିମ୍ନମାନର ହେଉଥିବା ମଧ ଅଭିଯୋଗ ରହିଛି। ସାମାଜିକ ସୁରକ୍ଷା ଯୋଜନାରେ ସମସ୍ତ କାଗଜପତ୍ର ଦିଆଗଲେ ତୁରନ୍ତ ଏନେଇ ପଦକ୍ଷେପ ନିଆଯିବ ବୋଲି ଉପସ୍ଥିତ ଅଧିକାରୀ କହିଛନ୍ତି। ବିଭିନ୍ନ ପଞ୍ଚାୟତ ପାଇଁ ନିଯୁକ୍ତ ରିସୋର୍ସ ପର୍ସନ ଗ୍ରାମ ଓ ଲୋକଙ୍କ ସମସ୍ୟା



ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମରେ ଜନଶୁଣାଣି।

ଜନଶୁଣାଣିରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ ଲୋକନାଥ ଦଳବେହେରା, ବିଡିଓ ସୂରଜ ପଟ୍ଟନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ର, ଡିଆରଡିଏ ସୋସିଆଲ ଅଡିଟର ଅନିଲ ମହାରଣା, ବ୍ଲକ ଅଧ୍ୟକ୍ଷା ସୁକାନ୍ତି ବାଗଦେରିଆ, ଉପାଧ୍ୟକ୍ଷା ଈଶ୍ୱର ବାଘ, ଜିଲା ପରିଷଦ ସଦସ୍ୟା ବିନ୍ଦୁରାଣୀ ମହାପାତ୍ର, ମନଧର ଗାଦବା, ବଲ୍ଲଭ ନାୟକ, ସରପଞ୍ଚ ବୈଦ୍ୟନାଥ ନାୟକ, ବୁଦୁ ପୂଜାରୀ, ରାଜେନ୍ଦ୍ର ସାହୁ ଉପସ୍ଥିତ ଥିଲେ।

# ବାଇକ୍ ଦୁର୍ଘଟଣା, ଯୁବକ ଗୁରୁତର

ଦଶମନ୍ତପୁର,୧୪।୨(ଡି.ଏନ୍.ଏ.)

ସ୍ଥାନୀୟ ଦଶମନ୍ତପୁର ଥାନା ବଦଲିକୁଡୁମା ଗାଁ ନିକଟସ୍ଥ ତ୍ରିବେଣୀ ନଦୀ ପୋଲରେ ଜଣେ ବାଇକ ଆରୋହୀ ଦୁର୍ଘଟଣାର ଶିକାର ହୋଇଛନ୍ତି। ସେ ହେଲେ ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତ କୁମ୍ଭାର ଲୁଲ୍ଲା ଗ୍ରାମର ଶେଷ ଗୌଡ଼ଙ୍କ ପୁଅ ଭୈରବ ପ୍ରସାଦ ଗୌଡ଼ (୩୫)। ସେ କାଶିପୁର ବ୍ଲକ ଟିକିରିସ୍ଥିତ ଆଲୁମିନା କମ୍ପାନୀରୁ କାର୍ଯ୍ୟ ସାରି ବାଇକ (ଓଡ଼ି୧୮ ୭୭୭୧)ରେ ନିଜ ଗାଁକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାପାଖ ୱାଲ୍‌କୁ ଧକ୍କା ଦେଇଥିଲେ। ଏଥିରେ ସେ ଗୁରୁତର ଥିବା ଜଣାପଡ଼ିଛି। ବାଇକ୍‌ଟି ପୋଲ ତଳକୁ ଖସିପଡ଼ିଛି। ଦଶମନ୍ତପୁର ଜୋନ୍-୧ ଜିଲା ପରିଷଦ ସଭ୍ୟ କହ୍ନେଇ ଜାନୀ ଏହି ସମୟରେ ଗୁରୁତର ଭୈରବଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭୈରବଙ୍କୁ ଜିଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

■ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ

# ସୁନାବେଡ଼ାର କଳାକାରଙ୍କୁ ୨ ପଦକ

ସୁନାବେଡ଼ା,୧୪।୨

ଜୟପୁର ରୋଟାରୀ କ୍ଲବ ତରଫରୁ ଆୟୋଜିତ ୫୦ ପ୍ଲସ ଏବଂ ୪୦ ପ୍ଲସ ଡବଲ୍ସ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ ଜୟପୁର ଇନଡୋର ହଲରେ ଅନୁଷ୍ଠିତ ହୋଇଛି। ଏଥିରେ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳରୁ ଖେଳାଳି ଭାଗ ନେଇଥିଲେ। ୫୦ ପ୍ଲସ ଡବଲ୍ସ ଫାଇନାଲରେ ସୁନାବେଡ଼ାର କଳାକାର ପ୍ରଧାନ ଓ ତାଙ୍କ ଯୋଡ଼ି ଟୁର୍ନାମେଣ୍ଟରେ ଉପବିଜେତା ହୋଇଥିଲେ। ୪୦ ପ୍ଲସ ଡବଲ୍ସ ଫାଇନାଲରେ କଳାକାର ପ୍ରଧାନ ଓ କାହ୍ନୁ ପଟ୍ଟନାୟକ ଯୋଡ଼ି ଜୟପୁରର ଟିନା ଓ କୁକୁ ଯୋଡ଼ିଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ। କଳାକାର ପ୍ରଧାନ ବ୍ୟାଡ଼ମିଣ୍ଟନରେ ରାଜ୍ୟ ଓ ଜାତୀୟସ୍ତରୀୟ ବହୁ ଟୁର୍ନାମେଣ୍ଟରେ ଭାଗନେଇ କୃତିତ୍ୱ ହାସଲ କରିଛନ୍ତି। ଚଳିତ ମାସ ୨୫ରେ ରାଜସ୍ଥାନରେ ହେବାକୁ ଥିବା ଜାତୀୟ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟରେ ସେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି।



ଅତିଥିଙ୍କ ଗହଣରେ ପଦକ ପାଇଥିବା କୃତୀ କଳାକାର ପ୍ରଧାନ।

# କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଜମି ଆବେଦନ କଲେ ନୋଡାଲ ଅଧିକାରୀ

ଜୟପୁର,୧୪।୨(ଡି.ଏନ୍.ଏ.)

ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଶୁକ୍ରବାର ଜୟପୁର ତହସିଲଦାରଙ୍କ ନିକଟରେ ଆବେଦନ କରାଯାଇଛି। ଏନେଇ କେଭିଏସ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଯୁକ୍ତ ସୁନାବେଡ଼ା ଏନଏଡି କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଅନନ୍ତ ନାରାୟଣ ମେହେର ନିୟମ ଅନୁଯାୟୀ ନିର୍ଦ୍ଧାରିତ ଫର୍ମ ମାଧ୍ୟମରେ ଆବେଦନ କରିଛନ୍ତି। ଅତିଶୀଘ୍ର ଜମିର ସମସ୍ତ କାଗଜପତ୍ର ପ୍ରଦାନ ପ୍ରସ୍ତୁତ କରାଯାଇ କେଭିଏସ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯିବ ବୋଲି ତହସିଲଦାର ମାତାରାମ ଲିୟାଙ୍ଗି ପ୍ରକାଶ କରିଛନ୍ତି। ଏହି ଅବସରରେ ବରିଷ୍ଠ ଆର୍‌ଆଇ ଅଶୋକ ମିଶ୍ର, ସହକାରୀ ଗୌରୀ ଦାଶ, ଆଇନଜୀବୀ ଅନୁପ ପାତ୍ର, ବିକାଶ ମଞ୍ଚର ସଂପାଦକ ନବକୃଷ୍ଣ ରଥ, ନରସିଂହ ପାଣିଗ୍ରାହୀ, ଧର୍ମେନ୍ଦ୍ର ଅଧିକାରୀ, ପ୍ରଶାନ୍ତ ବିଶୋୟୀ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଜୟପୁର ଅଞ୍ଚଳର ୬୮ ଏକର ସିଲିଂ ଜମି ମଧ୍ୟରୁ ୧୦ ଏକର ଜମିକୁ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ପାଇଁ ଚିହ୍ନଟ କରାଯାଇଛି।

# ଧନୁର୍ଜୟଙ୍କ ପାଖେ ହାର ମାନିଛି ପୋଲିଓ

■ଇଟା ଗଢ଼ି ଚଳାଉଛନ୍ତି ପରିବାର
■ଆବାସ ଯୋଜନାରେ ସାମିଲ କରିବାକୁ ନିବେଦନ

ପାପଡ଼ାହାଣ୍ଡି, ୧୪।୨(ଡି.ଏନ୍.ଏ.)

ଜନ୍ମରୁ ଦିବ୍ୟାଙ୍ଗ। ଚାଲିବା ବୁଲିବା ତାଙ୍କ ପକ୍ଷେ ମୁସ୍କିଲ। ତଥାପି ହାର ନ ମାନି ଇଟା ଭାଟିରେ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଗୋପୀଗୁଡ଼ା ଗାଁର ଦିବ୍ୟାଙ୍ଗ ଧନୁର୍ଜୟ ଭତରା। ସେ ଏବେ ଯୁବପିଢ଼ିଙ୍କ ପାଇଁ ଅନନ୍ୟ ଉଦାହରଣ ପାଲଟିଛନ୍ତି। ଧନୁର୍ଜୟଙ୍କ ପରିବାର କହିଲେ ସ୍ତ୍ରୀ ଓ ଦୁଇଜଣ ପୁଅ ଝିଅ। ତାଙ୍କ ବାମଗୋଡଟି ପୋଲିଓ ହୋଇଯାଇଥିବାରୁ ଠିକ୍ ଭାବେ ଧନୁର୍ଜୟ ଚଲାବୁଲା କରି ପାରୁନାହାନ୍ତି। ସେ କୁଲି ମଜୁରି କାମ କଲେ ହିଁ ତାଙ୍କ ଚୁଲି ଜଳେ। କୌଣସି ଭାରି ଜିନିଷ ଉଠାଇବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। ବହୁ ସମୟ ଧରି ଛିଡାହୋଇ ରହିବା ମଧ ଅସମ୍ଭବ। ବସିଲେ ଉଠିବା କଷ୍ଟ। ତଥାପି ହାର୍ ନ ମାନି ଇଟାଭାଟିରେ କାମ କରି ସେ ପରିବାର ପ୍ରତିପୋଷଣ କରନ୍ତି। ଶରୀରକୁ ଯେତେ କଷ୍ଟ ହେଲେ ବି ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ନିକଟସ୍ଥ ଭାଟିରେ ଇଟା ଗଢ଼ନ୍ତି। ସ୍ୱାମୀଙ୍କ ଅବସ୍ଥା ଦେଖି ସ୍ତ୍ରୀ ବି କୁଲି କାମ କରିଥାନ୍ତି। ସରକାରଙ୍କ ପକ୍ଷରୁ ଧନୁର୍ଜୟଙ୍କୁ ୫୦୦ ଟଙ୍କା ଭତ୍ତା ସହ ଚାଉଳ ମିଳୁଛି। ଆବାସ ଯୋଜନାରେ କିନ୍ତୁ ଏପର୍ଯ୍ୟନ୍ତ ଧନୁର୍ଜୟଙ୍କ ପରିବାରକୁ ସାମିଲ କରାଯାଇନାହିଁ। ବାରମ୍ବାର ଏ ନେଇ ସମସ୍ତଙ୍କୁ ଜଣାଇଥିଲେ ମଧ କିଛି ସୁଫଳ ମିଳିନି। ଚାଳ ଛପର ଘରେ ବହୁ ଅସୁବିଧାରେ ଦିନ କଟୁଛି। ଆବାସ ଯୋଜନାରେ ସାମିଲ କରିବା ଲାଗି ସେ ନିବେଦନ କରିଛନ୍ତି।



ଧନୁର୍ଜୟ ଇଟା ଗଢୁଚନ୍ତି।

# ଚିଟ୍‌ଫଣ୍ଡ କମ୍ପାନୀ ବିରୋଧରେ ଏକାଠି ହେଲେ ଜମାକାରୀ



କୋଡିଙ୍ଗା ଅଞ୍ଚଳର ଜମାକାରୀମାନେ।

କୋଡିଙ୍ଗା,୧୪।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଡିଙ୍ଗା ଅଞ୍ଚଳର ଚିଟ୍‌ଫଣ୍ଡ ଜମାକାରୀମାନେ ସ୍ଥାନୀୟ ଦୁର୍ଗାମଣ୍ଡପରେ ଏକ ବୈଠକ କରିଥିଲେ। ମାଇକ୍ରୋ ଫାଇନାନ୍ସ କମ୍ପାନୀରେ ଟଙ୍କା ଜମା କରି ଫେରସ୍ତ ପାଇ ନ ଥିବା ବୈଠକରେ ଆଲୋଚନା ହୋଇଥିଲା। ଟଙ୍କା ଫେରସ୍ତ ପାଇଁ ବାରମ୍ବାର ପ୍ରଶାସନ ଓ ଲୋକପ୍ରତିନିଧିଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ କିଛି ସୁଫଳ ମିଳୁ ନ ଥିବା ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ମାଇକ୍ରୋ ଫାଇନାନ୍ସ କମ୍ପାନୀର କେତେକ ଏଜେଣ୍ଟ ମଧ ଉପସ୍ଥିତ ଥିଲେ। କୋଷାଗୁମୁଡାଠାରେ ଥିବା କମ୍ପାନୀର କାର୍ଯ୍ୟାଳୟ ତିନିବର୍ଷ ହେବ ବନ୍ଦ ହୋଇଯାଇଛି। ଆମେ ଚାହିଁକି ମଧ କିଛି କରିପାରିବୁ ନାହିଁ ବୋଲି ଏଜେଣ୍ଟମାନେ କହିଛନ୍ତି। ତେଣୁ ପୁଣିଥରେ ଜିଲାପାଳ, ଏସ୍‌ପି, ସ୍ଥାନୀୟ ତହସିଲଦାର, ବିଧାୟକ ଓ ଏମ୍‌ପିଙ୍କୁ ଟଙ୍କା ଫେରସ୍ତ ଦାବି ସମ୍ପର୍କରେ ଅବଗତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଟଙ୍କା ଫେରସ୍ତ ନ ମିଳିଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବୁ ବୋଲି ଜମାକାରୀମାନେ କହିଛନ୍ତି। ଜମାକାରୀଙ୍କ ମଧ୍ୟରୁ ଅନେକ ଗରିବ ଓ ଶ୍ରମିକ ଶ୍ରେଣୀର ଲୋକ। ନିଜର ସଞ୍ଚିତ ଅର୍ଥକୁ ଚିଟ୍‌ଫଣ୍ଡ କମ୍ପାନୀରେ ଲଗାଇଥିଲୁ ବୋଲି କେତେଜଣ ଜମାକାରୀ କହିଛନ୍ତି। କଷ୍ଟ ଅର୍ଜିତ ଧନକୁ ଫେରାଇ ଆଣିବାକୁ ସେମାନେ ଦାବି କରିଛନ୍ତି। ବୈଠକରେ କୋଡିଙ୍ଗା ଅଞ୍ଚଳର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଜମାକାରୀ ଯୋଗ ଦେଇଥିଲେ।

# ପଟ୍ଟାଙ୍ଗି ପାଇଁ ପହଞ୍ଚିଲା ମାଟ୍ରିକ ପ୍ରଶ୍ନପତ୍ର

ପଟ୍ଟାଙ୍ଗି,୧୪।୨(ଡି.ଏନ୍.ଏ.): ପଟ୍ଟାଙ୍ଗି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ୩ଟି ପରୀକ୍ଷା କେନ୍ଦ୍ର ପାଇଁ ସୁରକ୍ଷା ଭିତରେ ମାଟ୍ରିକ ପ୍ରଶ୍ନପତ୍ର ପୋଲିସ ପାଖରେ ପହଞ୍ଚିଛି। ମାଳିପୁଟ ବିଜୁ ହାଇସ୍କୁଲ, ସୁଙ୍କି ରାଜୀବ ଗାନ୍ଧୀ ହାଇସ୍କୁଲ ଓ ପଟ୍ଟାଙ୍ଗି ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ହେବାକୁ ଥିବାବେଳେ ଉପରୋକ୍ତ କେନ୍ଦ୍ରରେ ୬୮୭ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ପରୀକ୍ଷା ପ୍ରଶ୍ନପତ୍ର ନେଇ ବୋର୍ଡ଼ ଅଧିକାରୀ ପଟ୍ଟାଙ୍ଗି ଥାନାରେ ପହଞ୍ଚି ଥାନା ଅଧିକାରୀ ଦେବରାଜ ମାଝି ଓ ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ଲବଙ୍ଗଲତା ବାରିକଙ୍କ ଉପସ୍ଥିତିରେ ପ୍ରଶ୍ନପତ୍ର ରଖିଥିଲେ।

# ଉଦ୍‌ଘାଟନ ଅପେକ୍ଷାରେ ନବନିର୍ମିତ ସ୍ୱାସ୍ଥ୍ୟକେନ୍ଦ୍ର, କ୍ଲଷ୍ଟର ଗୃହ

## ବିକାଶ ଅଭିମୁଖେ କୋଟିଆ ପଞ୍ଚାୟତ

ପଟ୍ଟାଙ୍ଗି,୧୪।୨(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର ବିବାଦୀୟ କୋଟିଆ ପଞ୍ଚାୟତରେ ବିକାଶ କାର୍ଯ୍ୟ ଆଗେଇ ଚାଲିଛି। ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲା ଓ ପ୍ରଶାସନ କୋଟିଆବାସୀଙ୍କ ନିକଟତର ହେବା ପାଇଁ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିଛନ୍ତି। ବର୍ତ୍ତମାନ ଏଠାରେ ନବନିର୍ମିତ ସ୍ୱାସ୍ଥ୍ୟକେନ୍ଦ୍ର ଓ କ୍ଲଷ୍ଟର ଗୃହ ଉଦ୍‌ଘାଟନ ଅପେକ୍ଷାରେ ରହିଛି।

ଉଲ୍ଲେଖଯୋଗ୍ୟ, ୨୦୧୮ ଜାନୁଆରୀରେ ବିଜୟନଗରମ ଜିଲାପାଳ, ସାଲୁର ବିଧାୟକଙ୍କ ଭଳି ଆନ୍ଧ୍ରର ନେତା ଓ ପ୍ରଶାସନିକ ଅଧିକାରୀ କୋଟିଆ ପଞ୍ଚାୟତ ତଳ ଗଞ୍ଜେଇପଦର ଗ୍ରାମରେ ପହଞ୍ଚି ଜନ୍ମଭୂମି ଯୋଜନାରେ ସ୍ଥାନୀୟ ବାସିନ୍ଦାଙ୍କୁ ନିଜ ଆଡ଼କୁ ନେବା ପାଇଁ ଉଦ୍ୟମ କରୁଥିଲେ। ଏହାପରେ ଓଡ଼ିଶା ସରକାର ତତ୍ପରତା ଦେଖାଇ କୋଟିଆ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ୧୬୦ କୋଟିର ପ୍ୟାକେଜ ଘୋଷଣା କରିଥିଲେ। ସେହି



କ୍ରମରେ ୨୮ ନଭେମ୍ବର ୨୦୧୯ରେ କେବିକେ ସଚିବ ସୁଦର୍ଶନ ପାଲ ଠାକୁର ଏହି ପଞ୍ଚାୟତ ଗସ୍ତକରି ସମସ୍ତ ଉନ୍ନୟନ କାର୍ଯ୍ୟ ତଦାରଖ କରିଥିଲେ। ୨୦୨୦ ଜାନୁଆରୀ ୨୬ ପୂର୍ବରୁ କ୍ଲଷ୍ଟର ଗୃହ, ସ୍ୱାସ୍ଥ୍ୟକେନ୍ଦ୍ର, ହାଇସ୍କୁଲ ଓ ଥାନା ଗୃହ ନିର୍ମାଣ ସାରି ଉଦ୍‌ଘାଟନ କରିବା ପାଇଁ ସେ ଡିଆରଡିଏ ପିଡି ଓ ଆରଡି ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ମଧୁସୂଦନ ମିଶ୍ର ମଧ ପଞ୍ଚାୟତ ଗସ୍ତରେ ଆସି ଅନୁରୂପ ତାଗିଦ କରିଥିଲେ। ସେହି ଅନୁଯାୟୀ ୪୧.୦୧ ଲକ୍ଷ ଅନୁଦାନରେ ୧୦ ଶଯ୍ୟାବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ର, ୧ କୋଟି ୮୩ ଲକ୍ଷ ୪୫ ହଜାର ଅନୁଦାନରେ କ୍ଲଷ୍ଟର ଗୃହ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହା ବର୍ତ୍ତମାନ ଉଦ୍‌ଘାଟନ ଅପେକ୍ଷାରେ ରହିଛି।

NATION TAX MARKET
TENDER CALL NOTICE
GST & Central Excise Division, Bhubaneswar-II Division invited sealed tender for hiring new office premises at Puri for Puri Range-I & II Office. The detailed advertisement is available on **http://www.cbec.gov.in/htdocs-cbec/tender-idx.** Eligible parties interested to participate may submit the duly filled in tender by **15:00** Hrs. on **16.03.2020** to the Assistant Commissioner, GST & CX, Bhubaneswar-II Division, Plot-258, District Centre, Chandrasekharpur, Bhubaneswar-751016.
Sd/-
Assistant Commissioner
GST & CX, Bhubaneswar-II Division, Bhubaneswar

ଭାରତୀୟ ରିଜର୍ଭ ବ୍ୟାଙ୍କ୍
RESERVE BANK OF INDIA
www.rbi.org.in
୨ ବର୍ଷୀୟ ରାଜ୍ୟ ସରକାର ପ୍ରତିଭୂତି ନିଲାମୀ
ଓଡ଼ିଶା ରାଜ୍ୟ ସରକାରଙ୍କ ସର୍ବମୋଟ ₹ ୧୦୦୦.୦୦ କୋଟି ଟଙ୍କା (ଅଙ୍କିତ ମୂଲ୍ୟ)ର ପ୍ରତିଭୂତି ନିଲାମ ପ୍ରକ୍ରିୟାରେ ବିକ୍ରିକରିବାର ପ୍ରସ୍ତାବ କରିଅଛନ୍ତି। ଏକାଧିକ ମୂଲ୍ୟ ଫର୍ମାଟ୍ ଅନ୍ତର୍ଗତ ପ୍ରତିଫଳ (*yield*) ଏହି ନିଲାମ ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର କୋର୍ ବ୍ୟାଙ୍କିଙ୍ଗ୍ ସମାଧାନ (ଇ-କୁବେର) ମାଧ୍ୟମରେ ୧୭ ଫେବୃୟାରୀ ୨୦୨୦ (ସୋମବାର) ଦିନ ଆୟୋଜନ କରାଯିବ। ଏ ସମ୍ପର୍କିତ ଅଧିକ ସୂଚନା ପାଇଁ, ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ୱେବସାଇଟ୍ (**www.rbi.org.in**) ୧୩ ଫେବୃୟାରୀ ୨୦୨୦ (ଗୁରୁବାର) (ଶୁକ୍ରବାର)ରେ ପ୍ରକାଶିତ ଆରବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ।
"ଇ-ମେଲ୍/ଏସ୍.ଏମ୍.ଏସ୍./ଟେଲିଫୋନ୍ ମାଧ୍ୟମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ପାଇଁ ଠକାମୀରେ ପଡନ୍ତୁ ନାହିଁ"

**SAMBALPUR UNIVERSITY**
**Jyoti Vihar, Burla-768019, Sambalpur (Odisha) www.suniv.ac.in**
**Advertisement For Teaching Posts**
Applications in prescribed format are invited from the eligible candidates for the posts of **Assistant Professors, Associate Professors and Professors** in different subjects of Sambalpur University, Jyoti Vihar, Burla, Sambalpur, Odisha. **The last date for submission of application is 16.03.2020.** The candidates are requested to visit the University Website **www.suniv.ac.in** for post-wise Advertisement No., qualifications and other terms and conditions.
**Sd/- Registrar**

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶନିବାର, ଫେବୃୟାରୀ ୧୫ /୨୦୨୦ Rayagada, Saturday, February 15/ 2020

## ସଂକ୍ଷେପରେ

### ୫ ଶିଶୁ ଶ୍ରମିକ ଉଦ୍ଧାର

**ମାଲକାନଗିରି,୧୪।୨ (ଡି.ଏନ.ଏ.)-** ଶିଶୁ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଗଠିତ ଟାକ୍ସଫୋର୍ସ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏହି ଟ୍ୟାକ୍ସ ଫୋର୍ସ ମାଥିଲି ଏବଂ ଗୋବିନ୍ଦପାଲି ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏହି ଶିଶୁଙ୍କୁ ଉଦ୍ଧାର କରିଛି ବୋଲି ଜିଲା ଶ୍ରମ ଅଧିକାରୀ ମଦନ ମହୋନ ପାଇକ କହିଛନ୍ତି। ପାଇକଙ୍କ ନେତୃତ୍ୱରେ ହୋଇଥିବା ଚଢ଼ାଉରେ ଚାଇଲ୍ଡ ହେଲ୍ପ ଲାଇନ, ଜିଲା ଆଇନ ସେବା ପ୍ରାଧିକରଣ ପ୍ରତିନିଧି, ମାଥିଲି ଥାନା ଭାରପ୍ରାପ୍ତ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଢାବା, ହୋଟେଲ୍, ଗ୍ୟାରେଜ୍, ଗୃହ ନିର୍ମାଣ ସ୍ଥଳ, ଇଟା ତିଆରି କାରଖାନା, ଚାଉଳ ମିଲ୍ ଉପରେ ଚଢ଼ାଉ କରାଯାଇଥିଲା। ସମସ୍ତ ଶିଶୁଙ୍କୁ ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇ ଥଇଥାନ ବ୍ୟବସ୍ଥା କରାଯିବ ବୋଲି ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ କହିଛନ୍ତି।

### ଏସଡିସି କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ଖେଳାଳି ଚୟନ ପ୍ରକ୍ରିୟା ଆରମ୍ଭ

**ମାଲକାନଗିରି,୧୪।୨ (ଡି.ଏନ.ଏ.)-** ମାଲକାନଗିରି ଜିଲା ସଦର ମହକୁମାରେ ଶୁକ୍ରବାର ଏସଡିସି କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ଖେଳାଳି ଚୟନ ପକ୍ରିୟା ଉଦ୍‌ଘାଟିତ ହୋଇଛି। ଜିଲା ଆଦିବାସୀ ଉନ୍ନୟନ ବିଭାଗ ପକ୍ଷରୁ ଜିଲାର ୩୫ ବର୍ଷରୁ କମ୍ ଅନୁସୂଚିତ ଜନଜାତି ବର୍ଗର ଯୁବକମାନେ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଏଥିପାଇଁ ପଞ୍ଜୀକରଣ ପକ୍ରିୟା ଆରମ୍ଭ ହୋଇଛି। ପଞ୍ଜୀକରଣ ଲାଗି ଖେଳାଳିଙ୍କୁ ୧।୧।୨୦୨୦ ସୁଦ୍ଧା ୧୭ ବର୍ଷ କିମ୍ବା ୩୫ ବର୍ଷରୁ କମ୍ ହୋଇଥିବ। ଏଥିପାଇଁ ଖେଳାଳିଙ୍କୁ ନିର୍ଦ୍ଦିଷ୍ଟ ଫର୍ମ ଫିଲଅପ କରିବା ସହ ୨ ଟି ପାସପୋର୍ଟ ଫଟୋ ଦେବାକୁ ନିୟମ କରାଯାଇଛି। ସମସ୍ତ ଫର୍ମ ବିଭିନ୍ନ ବ୍ଲକ୍‌ର ଡବ୍ଲ୍ୟୁଇଓଙ୍କ ପାଖରେ ମିଳିପାରିବ। ୨୦୦ରୁ ଉର୍ଦ୍ଧ୍ୱ ଖେଳାଳିଙ୍କୁ ନେଇ ୨ ଦିନ ଧରି ବିଭିନ୍ନ ଦଳ ମଧ୍ୟରେ ଫୁଟବଲ ଖେଳ ହେବ। ଏମାନଙ୍କ ମଧ୍ୟରୁ ୨୦ ଜଣ ଖେଳାଳିଙ୍କୁ ଚୟନ କରି ଲିଗ୍ ମ୍ୟାଚ୍ ଖେଳିବା ପାଇଁ ବାରିପଦା ପଠାଯିବ। ବିଜୟୀ ଖେଳାଳିଙ୍କୁ ୫୦ ହଜାର ଟଙ୍କା ଓ ପରାଜିତ ଖେଳାଳିଙ୍କୁ ୨୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ପିଏ ଆଇଟିଡିଏ କ୍ଷୀରଦି ବେହେରା କହିଛନ୍ତି।

# ସମ୍ପର୍କ ଯୋଡୁଛି ବିଏସ୍‌ଏଫ୍







କାଲିମେଲା ଓ ମାଥିଲିର ଗାଙ୍ଗରାଜଗୁମ୍ମା ବିଦ୍ୟାଳୟ ପରିସରରେ ବିଏସଏଫ ପକ୍ଷରୁ ହୋଇଥିବା ଶିବିରରେ ଜନସାଧାରଣଙ୍କୁ ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଉଛି।

**କାଲିମେଲା/ଗୋବିନ୍ଦପାଲି, ୧୪।୨(ଡି.ଏନ.ଏ)**

ଯବାନମାନଙ୍କ ଉପରେ ଲୋକଙ୍କ ବିଶ୍ୱାସ ଜନ୍ମାଇ ଏହାକୁ ଦୃଢ଼ୀଭୂତ କରିବା ଲାଗି ଆଦିବାସୀ ଅଧୁଷିତ ଅଞ୍ଚଳରେ ପ୍ରତିଷ୍ଠା କରାଯାଇଥିବା ବିଏସ୍‌ଏଫ୍ କ୍ୟାମ୍ପ ପକ୍ଷରୁ ଯବାନମାନେ ଲୋକଙ୍କ ସହ ସମ୍ପର୍କ ଯୋଡୁଛନ୍ତି। ବିଭିନ୍ନ ଗ୍ରାମରେ ଶିବିରମାନ ଆୟୋଜନ କରୁଛନ୍ତି। ବଡିଗେଟାସ୍ଥିତ ବିଏସ୍‌ଏଫ୍ କ୍ୟାମ୍ପ ପକ୍ଷରୁ ଗୁରୁବାର ମାଲକାନଗିରି ଜିଲା କାଲିମେଲା ବ୍ଲକ ବଡିଗେଟା ପଞ୍ଚାୟତର କୁରୁବ ଗ୍ରାମରେ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଥିଲା। କୁରୁବ ପ୍ରାଥମିକ ବିଦ୍ୟାଳୟ ପରିସରରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଏସ୍‌ଏଫ୍ କମାଣ୍ଡାଣ୍ଟ ଆଶିଷ କୁମାର, ଇନ୍ସପେକ୍ଟର ଓମ୍‌ପ୍ରକାଶ, ଏଏସଆଇ ମନ୍ତୁଶ ଲାସକାରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍କୁଲ ପିଲାଙ୍କୁ ଖାତା, କଲମ, ବହି, ପେନସିଲ ସହ ଖେଳ ସାମଗ୍ରୀ, ପୋଷାକ ଏବଂ ଗ୍ରାମବାସୀଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ମହିଳାଙ୍କୁ ଶାଢ଼ି, ରୋଷେଇ ସାମଗ୍ରୀ ଓ ଯୁବକମାନଙ୍କୁ ଫୁଟବଲ, ଭଲିବଲ,କ୍ରିକେଟ ବ୍ୟାଟବଲ ପ୍ରଦାନ କରାଯାଇଥିଲା। ଅଞ୍ଚଳବାସୀଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନ କରିବା, ସେମାନଙ୍କ ଦୁଃଖସୁଖରେ ଅଂଶୀଦାର ହେବା, ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି କରିବା, ଗରିବ ଲୋକମାନଙ୍କୁ ସହାୟତା କରିବା ଏହି ଜନସମ୍ପର୍କ ଶିବିରର ଲକ୍ଷ୍ୟ ବୋଲି କମାଣ୍ଡାଣ୍ଟ ଆଶିଷ କୁମାର କହିଥିଲେ। ଆଗାମୀ ଦିନରେ ମଧ୍ୟ ଏଭଳି ଶିବିର ବିଭିନ୍ନ ଗ୍ରାମରେ କରାଯିବ ସେ ସୂଚନା ଦେଇଥିଲେ। ଶିବିରରେ ବିଏସଏଫ ଡାକ୍ତରଙ୍କ ଦ୍ୱାରା ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା।

ମାଥିଲି ବ୍ଲକ ସଦର ପଞ୍ଚାୟତ ଅଧୀନ ଗାଙ୍ଗରାଜଗୁମ୍ମା ବିଦ୍ୟାଳୟ ପରିସରରେ ଶୁକ୍ରବାର ବିଏସ୍‌ଏଫ୍ ପକ୍ଷରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଛି। ଗାଁ ଲୋକଙ୍କୁ ଏକାଠି କରି ସେମାନଙ୍କୁ ଯବାନମାନଙ୍କୁ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ମାଥିଲି ୧୬୦ ବିଏନ ବିଏସଏଫର କମାଣ୍ଡାଣ୍ଟ ଇନ୍ସପେକ୍ଟର ପ୍ରବୀନ୍ଦ୍ର କୁମାର, ସମ୍ମାନିତ ଅତିଥି ଭାବେ ହାବିଲଦାର ଏ.କେ ପାତ୍ର , ମାଥିଲି ସରପଞ୍ଚ ଗୌରୀ ବଟେ ପ୍ରମୁଖ ଉପସ୍ଥିତ ଥିଲେ। ଲୋକଙ୍କୁ ଭୟ ନୁହେଁ ବରଂ ସେମାନଙ୍କ ସୁଖଦୁଃଖରେ ସହଭାଗୀ ହେବାକୁ ଯବାନମାନେ ସବୁବେଳେ ପ୍ରସ୍ତୁତ। ସହଯୋଗ କଲେ ଜନସାଧାରଣ ଓ ବିଏସ୍‌ଏଫ୍ ମଧ୍ୟରେ ଥିବା ଦୂରତା ହ୍ରାସ ପାଇବ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ଗ୍ରାମବାସୀଙ୍କୁ ବିଭିନ୍ନ ଘରକରଣା ସାମଗ୍ରୀ , ଛାତ୍ରୀଛାତ୍ରଙ୍କୁ ପାଠ୍ୟୋପକରଣ ବଣ୍ଟନ କରାଯାଇଥିଲା। ସେହିପରି ଖେଳାଳିଙ୍କୁ ବିଭିନ୍ନ ଖେଳ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଶିବିରରେ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଧାନମଣ୍ଡିରେ ଦୁର୍ନୀତି ଅଭିଯୋଗ

**ମାଲକାନଗିରି,୧୪।୨ (ଡି.ଏନ.ଏ.)**

ମାଲକାନଗିରି ଜିଲାରେ ଏକମାତ୍ର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନ କ୍ରୟ ପାଇଁ ସଦର ବ୍ଲକ ଚାଲାଣଗୁଡା ମଣ୍ଡି ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହି ମଣ୍ଡିରେ ଚାଷୀଙ୍କ ବଦଳରେ ଦଲାଲଙ୍କ ରାଜୁତି ଚାଲିଥିବା ଏବଂ ଅର୍ଥ କାରବାର ହେଉଥିବାର ଏକ ଭିଡିଓ ଶୁକ୍ରବାର ଭାଇରାଲ ହୋଇଛି। ଏହା ଜଣାପଡିବା ପରେ ଜିଲା ପ୍ରଶାସନ ଏହାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଛି। ଜିଲା ଯୋଗାଣ ବିଭାଗ ଏହାର ତଦନ୍ତ କରୁଛି। ଟୋକନ ପାଇଥିବା ପ୍ରତ୍ୟେକ ଚାଷୀ ଦୈନିକ ୩୦ କୁଇଣ୍ଟାଲ ଧାନ ବିକ୍ରି ପାଇଁ ନିୟମ ଥିବା ବେଳେ ସପ୍ତାହରେ ୨ ଥର ହେଉଥିବା ଚାଲାଣଗୁଡା ମଣ୍ଡିରେ ୭୦ ଜଣ ଚାଷୀ ଧାନ ବିକ୍ରି କରିଥାନ୍ତି। ପ୍ରତ୍ୟେକ ଦିନ ମଣ୍ଡିରେ ୪୦ରୁ ଉର୍ଦ୍ଧ୍ୱ ଦଲାଲ ଧାନ ବିକ୍ରି କରି ଅର୍ଥ କାରବାର କରୁଥିବା ଭିଡିଓରୁ ଜଣାପଡିଛି। ଗୁରୁବାର ଯୋଗାଣ ବିଭାଗ ପକ୍ଷରୁ ଚଢାଉ କରାଯାଇ ଶିଖପାଲି ଗ୍ରାମରେ ରବିନ୍ ବିଶ୍ୱାସ ନାମକ ଜଣେ ବ୍ୟକ୍ତିଙ୍କ ଗୋଦାମ୍‌ରୁ ୩୭୦ ବସ୍ତା ଧାନ ଜବତ କରାଯାଇଥିଲା। ସେହିପରି ଏମଭି-୫୩ରେ ବନିକ୍ ନାମକ ଜଣେ ବ୍ୟକ୍ତିଙ୍କ ଘରୁ ୩୭୫ ବସ୍ତା ଧାନ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ମଣ୍ଡିରେ ମୃତ ଚାଷୀ ଏବଂ ଆଦିବାସୀଙ୍କ ନାମରେ ମିଥ୍ୟା ଭାଗଚାଷର ଜାଲ ନଥିପତ୍ର କରାଯାଇଥିବା ମାଟାପାକା ସରପଞ୍ଚ, ଜିଲାପାଳ ଓ ଉପଜିଲାପାଳଙ୍କୁ ଅବଗତ କରାଯାଇଥିଲା। ପରେ ଏନେଇ ମାଲକାନଗିରି ଥାନାରେ ଏକ ମାମଲା ରୁଜୁ ହୋଇଥିଲା।

# ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର

## ୧୧କେଭି ତାର ନେଇଥାଆନ୍ତା ଜୀବନ




ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିବା ଟ୍ରକ।

**ପଡ଼ିଆ, ୧୪।୨(ଡି.ଏନ.ଏ.)–**

ମାଲକାନଗିରି ଜିଲା ପଡ଼ିଆ ବ୍ଲକ ଅନ୍ତର୍ଗତ ଉଣ୍ଡୁରୁକୋଣ୍ଡା ପଞ୍ଚାୟତଠାରୁ ୧ କମି ଦୂରରେ ଯାଉଥିବା ଏକ ୧୦ଚକିଆ ଟ୍ରକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଖବରରୁ ଜଣାପଡିଛି ଶୁକ୍ରବାର ମଧ୍ୟାହ୍ନରେ ଉଣ୍ଡୁରୁକୋଣ୍ଡା ୩୨୬ ନଂ. ରାସ୍ତାରୁ ଏମଭି-୯୫, ସିମିଳିବାଞ୍ଚା ଗ୍ରାମକୁ ଯାଇଥିବା ପ୍ରଧାନମନ୍ତ୍ରୀ ସଡ଼କରେ ଟ୍ରକ ( ଓଆର୧୦ସି-୯୯୦୯) ରାସ୍ତା ସମାନ୍ତର କରିବା ଭାଇବ୍ରେଶନ ରୋଲର ଧରି ଯାଉଥିଲା। ଏହି ସମୟରେ ରାସ୍ତା ଉପରେ ଝୁଲି ରହିଥିବା ୧୧କେଭି ତାରକୁ ଡ୍ରାଇଭର ଦେଖିପାରି ନ ଥିଲେ। ତାରଟି ଟ୍ରକରେ ଲାଗିଯିବାରୁ ଡ୍ରାଇଭରଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ତେବେ ବିଦ୍ୟୁତ୍ ତାରଟି ଛିଡିଯିବାରୁ ଡ୍ରାଇଭର ଅଳ୍ପକେ ବଞ୍ଚି ଯାଇଥିଲେ। ତାଙ୍କୁ ସ୍ଥାନୀୟ ଅଞ୍ଚଳର ଯୁବକମାନେ ଉଦ୍ଧାର କରି ଚିକିତ୍ସା ପାଇଁ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ବିଦ୍ୟୁତ୍ ଆଘାତରେ ଗାଡିର କିଛି ଅଂଶ ଜଳିଯାଇଛି। ଲୋକେ ବିଦ୍ୟୁତ୍ ବିଭାଗ ଏବଂ ଅଗ୍ନିଶମ ବିଭାଗକୁ ଖବରଦେବା ପରେ ସଙ୍ଗେ ସଙ୍ଗେ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀମାନେ ନିଆଁ ଲିଭାଇ ଗାଡ଼ିକୁ ଜଳିଯିବାରୁ ରକ୍ଷା କରିଥିଲେ।

# ଟ୍ରେନ ଆକୃତିର ବିଦ୍ୟାଳୟରେ ପାଠ ପଢୁଛନ୍ତି ପିଲାଏ

**ଏମଭି ୭୯,୧୪।୨(ଡି.ଏନ.ଏ.)**



ଟ୍ରେନ ଆକୃତିର ବିଦ୍ୟାଳୟ।

ସ୍ୱାଧୀନତାର ଅନେକ ବର୍ଷ ପରେ ମଧ୍ୟ ଏଯାଏ ଆଦିବାସୀ ଅଧୁଷିତ ମାଲକାନଗିରି ଜିଲାକୁ ଟ୍ରେନ ସଂଯୋଗ ହୋଇପାରି ନାହିଁ। ତେବେ କାଲିମେଲା ବ୍ଲକ ଅନ୍ତର୍ଗତ ଅନନ୍ତପାଲି ଏସଏସଡି ହାଇସ୍କୁଲରେ ଜଣେ ଶିକ୍ଷକ ପାଠପ୍ରତି ପିଲାଙ୍କ ଆଗ୍ରହ ବଢାଇବା ଏବଂ ସେମାନେ ନିୟମିତ ଯେପରି ବିଦ୍ୟାଳୟ ଆସିବେ ତାହା ଚିନ୍ତା କରି ବିଦ୍ୟାଳୟକୁ ଟ୍ରେନ ଆକୃତିରେ ସଜାଇଛନ୍ତି। ଏବେ ପିଲାମାନେ ଟ୍ରେନରେ ବସି ପାଠପଢ଼ିବା ପରି ନିଆରା ଦୃଶ୍ୟ ଦେଖିବାକୁ ମିଳୁଛି ଅନନ୍ତପାଲି ବିଦ୍ୟାଳୟରେ। ଏହା ମଧ୍ୟ ଛାତ୍ରୀଛାତ୍ରଙ୍କୁ ବେଶ୍ ଆକୃଷ୍ଟ କରୁଛି। ସତସତିକା ଟ୍ରେନ ପରି ଦେଖାଯାଉଥିବା ବିଦ୍ୟାଳୟରେ ବସି ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସୂଚନାଯୋଗ୍ୟ ଯେ, ଅନନ୍ତପାଲି ବିଦ୍ୟାଳୟ ୧୯୬୧ରେ ପ୍ରତିଷ୍ଠା ହୋଇଥିଲା। ବର୍ତ୍ତମାନ ଏଠାରେ ୩୭୩ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ନନ୍ଦ ମୁଦୁଲିଙ୍କ ଉଦ୍ୟମରେ ବିଦ୍ୟାଳୟରେ ଟ୍ରେନ ଚିତ୍ର କରାଯାଇଥିଲା। ପରେ ତାଙ୍କର ବଦଳି ଅନ୍ୟ ବିଦ୍ୟାଳୟକୁ ହୋଇଯାଇଥିଲା। ପରେ ବିଦ୍ୟାଳୟରେ ନୂତନ ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ ଉମାଚରଣ ପଟ୍ଟନାୟକ। ତାଙ୍କ ପ୍ରଚେଷ୍ଟାରେ ବିଦ୍ୟାଳୟର ରୂପରେଖରେ ପରିବର୍ତ୍ତନ ହୋଇଛି।

# ଆତ୍ମରକ୍ଷା ତାଲିମ ଶିବିର

**ପଡ଼ିଆ, ୧୪।୨ (ଡି.ଏନ.ଏ. )–**

ପଡ଼ିଆ ଆଞ୍ଚଳିକ ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହା ୧୨ ଦିନ ଧରି ଚାଲିବ। କଲେଜ ପରିସରରେ ଅଧ୍ୟକ୍ଷ ପରମାନନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ମହିଳାଙ୍କ ଆତ୍ମରକ୍ଷା କୌଶଳ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦେବା ମାଡ଼କାମି ଯୋଗଦେଇ ଉପସ୍ଥିତ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ମହିଳାମାନେ ପୁରୁଷଙ୍କ ସହ କୌଣସି ଗୁଣରେ କମ୍ ନୁହନ୍ତି। ଶିକ୍ଷା ସହ ବିଭିନ୍ନ ଦୁଃସାହସିକ ତାଲିମ ନେଇ ନିଜକୁ ଆତ୍ମନିର୍ଭରଶୀଳ କରାଇପାରୁଛନ୍ତି। ଏଭଳି କୌଶଳ ଛାତ୍ରୀ ଅବସ୍ଥାରୁ ହିଁ ଶିଖିବା ଉଚିତ ବୋଲି ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ପଡିଆ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଭାତ କୁମାର ବେହେରା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଅମୂଲ୍ୟ ରତ୍ନ, କେ. ଉଦୟ ଉପସ୍ଥିତ ଥିଲେ।

# ପୁଲ୍‌ୱାମା ଶହୀଦ୍ ଦିବସ ଅବସରରେ କ୍ୟାଣ୍ଡେଲ୍ ଶୋଭାଯାତ୍ରା

**ମାଲକାନଗିରି/କୋରୁକୋଣ୍ଡା/ଗୋବିନ୍ଦ ପାଲି,୧୪।୨ (ଡି.ଏନ.ଏ.)–**

ଜମ୍ମୁକାଶ୍ମୀରର ପୁଲ୍‌ୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ମାଲକାନଗିରି ଜିଲା ସଦର ମହକୁମାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ୨୦୧୯ ଫେବୃୟାରୀ ୧୪ରେ ଜମ୍ମୁ କଶ୍ମୀର ପୁଲ୍‌ୱାମାଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୪୦ ଜଣ ଯବାନ ଶହୀଦ ହୋଇଥିଲେ। ଆଇଟିଆଇ କଲେଜ , ଟିମ୍ ଉଇକେନ୍ , ଜୟ ମାଲକାନଗିରି ସଙ୍ଗଠନ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରି ଶହୀଦ୍‌ଙ୍କୁ ସମ୍ମାନପ୍ରଦର୍ଶନ କରାଯାଇଥିଲା। ସେହିପରି ମାଲକାନଗିରି ମହାବିଦ୍ୟାଳୟରେ ଏନ୍‌ସିସି କ୍ୟାଡେଟ୍‌ମାନଙ୍କ ଦ୍ୱାରା ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶର ସୁରକ୍ଷାରେ ଯବାନଙ୍କର ଭୂମିକା ବିଷୟରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପକ ଡ. ରଞ୍ଜନ କୁମାର ସ୍ୱାଇଁ ପରିଚାଳନା କରିଥିଲେ।

ବାଲିମେଳା ନଗରର କେତେକ ଯୁବଗୋଷ୍ଠୀ ଏବଂ ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଙ୍କ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଡ୍ରଗ ଲାଇନରୁ ଶୋଭାଯାତ୍ରା ବାହାରି ମାର୍କେଟ, ମିଶ୍ର ଛକ ଦେଇ କଲ୍ୟାଣ ମଣ୍ଡପଠାରେ ପହଞ୍ଚିଥିଲା। ସେଠାରେ ଶହୀଦମାନଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା ହୋଇଥିଲା। କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ଅଜୟ କୁମାର ନାୟକ, ମନୋଜ ଦେବ ପାଙ୍ଗି, ବୈଶାଖ ବରାଡ଼, ଶ୍ରୀକାନ୍ତ ବେହେରା, ଶାରଦା ସ୍ୱାଇଁ, ଘନ ବେହେରା, ଶିବବ୍ରତ ବେହେରା ପରିଚାଳନା କରିଥିଲେ। କୋରୁକୋଣ୍ଡା ରାଧାକୃଷ୍ଣ ଓ ଗଣେଶ ମନ୍ଦିର ନିକଟରେ ମଧ୍ୟ ଯବାନମାନଙ୍କ ଉଦ୍ଦେଶ୍ୟରେ ଦୀପ ଜାଳି ନିରବ ପ୍ରାର୍ଥନା କରାଯାଇଥିଲା। ନୀଳମଣି ପ୍ରଧାନ, ଚିତ୍ତରଞ୍ଜନ ପଣ୍ଡା, ପବିତ୍ର ମୋହନ ଗୋଲୋରି ପରିଚାଳନା କରିଥିଲେ।

ମାଥିଲି ଉତ୍କଳମଣି ଗୋପବନ୍ଧୁ ଜୁନିୟର ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ପୁଲ୍‌ୱାମାରେ ଶହୀଦ ହୋଇଥିବା ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶହୀଦ ଯବାନ ଅମର ରହେ ଧ୍ୱନିରେ ଆଖପାଖ ଅଞ୍ଚଳ ମୁଖରିତ ହୋଇଥିଲା। ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ମହାବିଦ୍ୟାଳୟରୁ ବାହାରି ମାଥିଲି ସଦର ପରିକ୍ରମା କରିଥିଲେ। ମହାବିଦ୍ୟାଳୟ ପରିସରରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମାଜସେବୀ ଏସ. ବାଲାଜୀ ରାଓଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାବେରୀ ପରିଡା, କୁନାଲ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



କୋରକୋଣ୍ଡାରେ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।






# 'ପ୍ରାରମ୍ଭିକ ଶିକ୍ଷା ସୁନାଗରିକ ପାଇଁ ରାସ୍ତା ଖୋଲିଥାଏ'

**ମାଲକାନଗିରି,୧୪।୨ (ଡି.ଏନ.ଏ.)**

ପ୍ରାରମ୍ଭିକ ଶିକ୍ଷା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ି ତୋଳିଥାଏ। ପ୍ରାଥମିକ ଶିକ୍ଷାଗ୍ରହଣ ସମୟରେ ଭବିଷ୍ୟତରେ ସେମାନେ ଜଣେ ଶିକ୍ଷାବିତ୍ ସହ ସୁନାଗରିକ ହେବାର ସ୍ୱପ୍ନ ରହିଥାଏ। କୋମଳମତି ବାଳିକାବାଳକମାନେ ଶିକ୍ଷା ଗ୍ରହଣ ସମୟରେ ଏକାଗ୍ରତା, ନମ୍ରତା ସହ ଶିକ୍ଷା ପ୍ରତି ଧ୍ୟାନ ଦେଇ ସେମାନେ ନିଜ ଆଗାମୀ ଭବିଷ୍ୟତ ଗଢିବା ଉଚିତ ବୋଲି ମାଲକାନଗିରି ଜିଲା ସଦର ବ୍ଲକ ସିନ୍ଧିମାଲ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଅତିଥି ଓ ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉତ୍ସବରେ ମୁଖ୍ୟଅତିଥି ଭାବେ ମାଲକାନଗିରି ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମରଥ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ଦାସ, ସମ୍ମାନିତ ଅତିଥି ରୂପେ ଇଞ୍ଜିନିୟର ସରୋଜ ସାମନ୍ତରାୟ, ସର୍ବଶିକ୍ଷା ଅଭିଯାନର ଜେନେରାଲ କୋର୍ଡିନେଟର ଶକୁନ୍ତଳା ମାଝି, ସରପଞ୍ଚ ସମମାରି ମାଡକାମି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୁକା ମାଡକାମି, ଶିକ୍ଷାବିତ୍ ନାରାୟଣ ବଳ, ସୁବାସ ମହାନ୍ତି , ସାମାଜିକ କର୍ମୀ ପଞ୍ଚାନନ ଦାସ ଉପସ୍ଥିତ ଥିଲେ। ଅତିଥିମାନେ ଉପରୋକ୍ତ ମତଦେଇ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନିଷ୍ଠାପର ଉଦ୍ୟମ, ଅଭିଭାବକ ମାନଙ୍କ ସହଯୋଗକୁ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ ଯେ, ୩୮୦ ଛାତ୍ରୀ ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଛାତ୍ରୀ ଅନାଥ, ଦାରିଦ୍ର୍ୟ , ଅଧାରୁ ଶିକ୍ଷା ଛାଡିଥିବା କିମ୍ବା ଆଦୌ ବିଦ୍ୟାଳୟ ଯାଇ ନ ଥିବା ବାଳିକାଙ୍କୁ ରଖାଯାଇ ଶିକ୍ଷାଦାନ କରାଯାଉଛି। ବହୁମୁଖୀ ବ୍ୟକ୍ତିତ୍ୱର ବିକାଶ ପାଇଁ ଶୃଙ୍ଖଳିତ ଜୀବନଯାପନ କୌଶଳ ଶିକ୍ଷା, ଯୋଗ , ବ୍ୟାୟାମ ଓ ଆତ୍ମରକ୍ଷା ଶିକ୍ଷା, କମ୍ପ୍ୟୁଟର ଶିକ୍ଷା, ବୈଷୟିକ ତାଲିମ୍ ଓ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରାଯାଉଛି।



ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

ଧରିତ୍ରୀ
DHARITRI
ରାୟଗଡ଼ା, ଶନିବାର, ୧୫ ଫେବୃୟାରୀ , ୨୦୨୦



ଯେତେବେଳେ ଜଣେ ଭୁଲ୍ କରି ବସେ ଲୋକେ ତାକୁ ଥଟ୍ଟା କରନ୍ତି, କିନ୍ତୁ ଯେତେବେଳେ ସେ ନିଜ ଭୁଲ୍ ବୁଝି କ୍ଷମା ମାଗେ, ସେତେବେଳେ ସେଇ ଲୋକ ତାକୁ ଆଦର କରନ୍ତି।

-ମାର୍ଟିନ୍ ଲୁଥର



## ସଂକ୍ଷେପରେ

### ଯୁବ ବିକାଶ ପରିଷଦ ପକ୍ଷରୁ ସ୍ମାରକପତ୍ର



ରାୟଗଡ଼ା ଅଫିସ,୧୪।୨: ରାୟଗଡ଼ା ସହରରେ ବସବାସ କରୁଥିବା ଘର ମାଲିକମାନଙ୍କୁ ଜମି ପଟ୍ଟା ପ୍ରଦାନ କରାଯିବା ନେଇ ଯୁବ ବିକାଶ ପରିଷଦ ପକ୍ଷରୁ ଏକ ଦାବିପତ୍ର ତହସିଲଦାର ଉମା ଶଙ୍କର ବେହେରା ଙ୍କ ଅନୁପସ୍ଥିତିରେ ସହାୟକ ତହସିଲଦାର ସୁନୀଲ ଖରାଙ୍କୁ ପ୍ରଦାନ କରାଯାଇଛି । ଗତ ଜାନୁୟାରୀ ୧୩ ତାରିଖରେ ଜମି ପଟ୍ଟା ପ୍ରଦାନ ନେଇ ଏକ ଆବେଦନ ପତ୍ର ପ୍ରଦାନ କରାଯାଇଥିଲା । ବର୍ତ୍ତମାନ ପର୍ଯ୍ୟନ୍ତ ଉକ୍ତ ପଟ୍ଟା ପ୍ରଦାନ କରାଯାଇନାହିଁ । ଆଗାମୀ ୩ ମାସ ମଧ୍ୟରେ ପଟ୍ଟା ପ୍ରଦାନ କରା ନ ଗଲେ ଆନ୍ଦୋଳନ କରିବୁ ବୋଲି ଯୁବ ବିକାଶ ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି । ଦାବିପତ୍ର ପ୍ରଦାନ ସମୟରେ ପରିଷଦ ସଭାପତି ଶିବାଜୀ ଦାସଙ୍କ ସହ ଶତାଧିକ ପ୍ରଭାବିତ ଲୋକେ ଉପସ୍ଥିତ ଥିଲେ । ତୁରନ୍ତ ପଟ୍ଟା ପ୍ରଦାନ କରାଯିବ ବୋଲି ସହାୟକ ତହସିଲଦାର ଖରା ପ୍ରକାଶ କରିଛନ୍ତି ।

### ଲକ୍ଷ୍ମୀ ନାରାୟଣ ଗୁଣପୁର ତହସିଲଦାର

ଗୁଣପୁର,୧୪।୨(ଡି.ଏନ.ଏ)-ରାୟଗଡା ଜିଲା ଗୁଣପୁର ଅତିରିକ୍ତ ତହସିଲଦାର ଲକ୍ଷ୍ମୀ ନାରାୟଣ ସାବତଙ୍କୁ ରାଜ୍ୟ ସରକାର ପଦୋନ୍ନତି ଦେଇଛନ୍ତି । ସେ ଗୁଣପୁର ତହସିଲଦାର ଭାବେ କାର୍ଯ୍ୟ କରିବେ ବୋଲି ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଗୁରୁବାର ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଜଣାପଡିଛି । ସୂଚନାଯୋଗ୍ୟ ତହସିଲଦାର ନମ୍ରତା ମୋଦିଙ୍କ ବଦଳି ହେବା ପରେ ଗତ ୫ ତାରିଖରେ ଜିଲାପାଳ ତାଙ୍କୁ ରିଲିଭ କରିଥିଲେ । ଏହାପରେ ଅତିରିକ୍ତ ତହସିଲଦାର ଥିବା ଲକ୍ଷ୍ମୀ ନାରାୟଣ ସାବତଙ୍କୁ ଜିଲାପାଳ ଭାରପ୍ରାପ୍ତ ତହସିଲଦାର ଭାବେ କାର୍ଯ୍ୟ ତୁଲାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

### ସ୍କୁଲରେ ପିଲା କାମ କରୁଥିବା ଭିଡିଓ ଭାଇରାଲ

ଗୁଣପୁର,୧୪।୨(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର ଅଞ୍ଚଳର ଏକ ବିଦ୍ୟାଳୟର ପିଲାମାନେ ମାଟି ଓ ଅନ୍ୟାନ୍ୟ ସାମଗ୍ରୀ ବୋହୁଥିବା ଏକ ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି । ଏହି ଭିଡିଓରେ ସ୍କୁଲର ପିଲାମାନେ କାମ କରୁଥିବା ଦେଖିବାକୁ ମିଳିଛି । ପିଲାମାନେ ମାଟି ଏବଂ ଅନ୍ୟାନ୍ୟ ସାମଗ୍ରୀ ଆଣି ବାହାରେ ପକାଉଥିବା ଦେଖିବାକୁ ମିଳିଛି । ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ସେମାନେ କେଉଁ ସ୍କୁଲର ପିଲା ଏବଂ କେଉଁ ଭଳିସ୍ଥିତିରେ କାର୍ଯ୍ୟରେ ନିୟୋଜିତ ଥିଲେ ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି ।

### ବିଶ୍ୱଶାନ୍ତି ମହାଯଜ୍ଞ

ବିଷମକଟକ, ୧୪।୨(ଡ଼ି.ଏନ.ଏ): ରାୟଗଡା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ଚାଟିକୋଣା ରାମ ମନ୍ଦିର ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ଯଜ୍ଞ ମଣ୍ଡପ ପରିସରରେ ଚବିଶି ପ୍ରହର ନାମ ଯଜ୍ଞ ମଧ୍ୟ ଆୟୋଜିତ ହୋଇଥିଲା । ଏହା ତିନି ଦିନ ଧରି ଚାଲିବ । ଏଥିରେ ୧୭ଟି ନାମ ସଂକୀର୍ତ୍ତନ ଦଳ ଭାଗ ନେଇଥିଲେ । ଯଜ୍ଞସ୍ଥଳରେ ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତଙ୍କ ସମାଗମ ହେଉଛି ।

# ଡ୍ରେନ ଅଛି, ନାହିଁ ପାଣି ନିଷ୍କାସନର ବ୍ୟବସ୍ଥା

- ଶୁଣୁନି ପୌର ପ୍ରଶାସନ
- ମଶାମାଛିଙ୍କ ବଂଶବୃଦ୍ଧି
- ୪ ବର୍ଷ ହେଲାଣି ସଫା ହୋଇନି ଡ୍ରେନ
- ଚାନ୍ଦା ଆଦାୟ କରି ସଫା କରୁଛନ୍ତି ସାହିବାସିନ୍ଦା

ରାୟଗଡ଼ା ଅଫିସ ,୧୪।୨



ଡ୍ରେନ୍‌ରେ ପାଣି ଜମିରହିଛି ।

ସ୍ୱଚ୍ଛ ପରିବେଶ ନେଇ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ଏଥିପାଇଁ କୋଟି କୋଟି ଟଙ୍କା ପାଣି ଭଳି ବ୍ୟୟ କରାଯାଉଥିଲେ ମଧ୍ୟ ବଦଳୁନାହିଁ ସ୍ୱଚ୍ଛତାର ମାନଚିତ୍ର । ଏପରି ଏକ ଅସ୍ୱଚ୍ଛ ପରିବେଶରେ ରହିଛନ୍ତି ରାୟଗଡ଼ା ୧୬ ନମ୍ବର ୱାର୍ଡ଼ର ଗାୟତ୍ରୀ ନଗରର ୧ ମ ଏବଂ ୨ ୟ ଲାଇନର ଲୋକେ । ଏଠାରେ ଡ୍ରେନ ନିର୍ମାଣ ହୋଇଛି, ହେଲେ ପାଣି ନିଷ୍କାସନର ବ୍ୟବସ୍ଥା ହୋଇନାହିଁ । ଫଳରେ ମଶାମାଛିଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି ।

ଏହି ଦୁଇ ଲାଇନ୍‌ରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ପରିବାରର ୩୦୦ ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି । ଦୀର୍ଘ ୪ ବର୍ଷ ତଳେ ରାୟଗଡ଼ା ପୌର ପରିଷଦ ପକ୍ଷରୁ ଏହି ୨ଟି ସାହିରେ ଡ୍ରେନ ନିର୍ମାଣ କରାଯାଇଥିଲା । ଏଥିଲାଗି ୫ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା । ହେଲେ ଏହି ଡ୍ରେନ ନାମକୁ ମାତ୍ର ନିର୍ମାଣ କରାଯାଇଛି । ଡ୍ରେନ ନିର୍ମାଣ ଲକ୍ଷ ହୀନ ଭାବେ କରାଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି । ଏହାର ମଇଳା ପାଣି ନିଷ୍କାସନର କୌଣସି ବ୍ୟବସ୍ଥା କରାଯାଇ ନାହିଁ । ମଇଳା ପାଣି ନିଷ୍କାସନର ବ୍ୟବସ୍ଥା କରା ନ ଯାଇ କିପରି ଏଠାରେ ଡ୍ରେନ ନିର୍ମାଣର ଅନୁମତି ଦିଆଗଲା ତାହା ଏବେ ସାଧାରଣରେ ଆଲୋଚନା ହେଉଛି । ଡ୍ରେନ ଆଗ ପଟେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରହିଛି । ଏଠାରେ ଥିବା ଶୌଚାଳୟର ପାଣି ସିଧାସଳଖ ନାଳରେ ଛଡ଼ାଯାଉଛି । ଦୀର୍ଘ ୪ ବର୍ଷ ହେଲାଣି ପୌର ପରିଷଦ ପକ୍ଷରୁ ଏହି ଡ୍ରେନ ସଫା କରା ଯାଇନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏହିମଇଳା ପାଣି କେଉଁଆଡ଼େ ନ ଯାଇ ଜମା ହୋଇ ରହୁଛି । ଫଳରେ ପାଣିରେ ପୋକ ମଶାମାଛିଙ୍କ ବଂଶ ବୃଦ୍ଧି ହେଉଛି । ଦୁର୍ଗନ୍ଧରେ ଫାଟିପଡୁଛି ଉକ୍ତ ଅଞ୍ଚଳ । ପୂର୍ବରୁ ସ୍ଥାନୀୟ ଲୋକେ ଚାନ୍ଦା କରି ପାଣି ନିଷ୍କାସନ କରିଥିଲେ । ଏନେଇ ଲୋକେ ବାରମ୍ବାର ଜିଲାପାଳ ଏବଂ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଉକ୍ତ ଅଞ୍ଚଳରଅବସରପ୍ରାପ୍ତ ସ୍ୱାସ୍ଥ୍ୟ ଇନ୍ସପେକ୍ଟର କୃଷ୍ଣଚନ୍ଦ୍ର ପଣ୍ଡା (୬୦) କହିଛନ୍ତି ଯେ, ଏପରି ପରିବେଶରେ ରହିବାକୁ ଆମକୁ ଭୟ ଲାଗୁଛି । ଡ୍ରେନର ଦୁର୍ଗନ୍ଧ ଯୋଗୁ ବାହାରେ ଗୋଟିଏ ମିନିଟ୍ ଠିଆ ହେବା ସମ୍ଭବ ନୁହେଁ । ଏହି ଡ୍ରେନ ପାଣି ନିଷ୍କାସନ ହୋଇ ନ ପାରି ଜମା ହେବାରୁ ମଶାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି ବୋଲି କହିଛନ୍ତି । ସେହିପରି ପର୍ଶୁରାମ ରାଉଳ (୫୬) କୁହନ୍ତି, ସାହିର ଏହି ଡ୍ରେନର ଜଳ କେଉଁପଟେ ନ ଯାଇ ଜମା ହେବାରୁ ଏଡ଼ିସ୍ ମଶାଙ୍କ ସଂଖ୍ୟା ବଢୁଛି । ମୁଁ ଡେ଼ଙ୍ଗୁରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହୋଇଛି । ମୋ ପରିବାର ପିଲା ଛୁଆ ମଧ୍ୟ ମ୍ୟାଲେରିଆରେ ବାରମ୍ବାର ଆକ୍ରାନ୍ତ ହେଉଛନ୍ତି ବୋଲି କହିଛନ୍ତି । ଆମେ ଦୀର୍ଘ ଦିନ ହେଲା ଏହି ସମସ୍ୟା ନେଇ ବାରମ୍ବାର ଜଣାଇଲେ ମଧ୍ୟ କେହି ଆମ କଥାକୁ କର୍ଣ୍ଣପାତ କରୁନାହାନ୍ତି ବୋଲି କହିଛନ୍ତି ବାବୁଲାଲ ଗନ୍ତାୟତ (୬୦) । ଏଠାରେ ଥିବା ପ୍ରେମ ପାହାଡ଼କୁ ସୌନ୍ଦର୍ଯ୍ୟକରଣ କରାଯାଉଛି । ଏହି ଗଳି ଦେଇ ଉକ୍ତ ପାହାଡ଼କୁ ଲୋକେ ଯିବା ଆସିବା କରୁଛନ୍ତି । ହେଲେ ଏଠାରେ ଥିବା ଡ୍ରେନ ପାଣି ନିଷ୍କାସନ ହୋଇ ପାରୁ ନ ଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ଦେଇ ପର୍ଯ୍ୟଟକ ସେଠାକୁ କେମିତି ଆସିବେ ବୋଲି ପ୍ରଶ୍ନ କରିଛନ୍ତି ବରିଷ୍ଠ ନାଗରିକ ବିନୋଦ ଚନ୍ଦ୍ର ପଣ୍ଡା । ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀଙ୍କୁ ପଚାରିବାରୁ, ଡ୍ରେନର ମଇଳା ପାଣି କିପରି ନିଷ୍କାସନ ହେବ ସେନେଇ ବ୍ୟବସ୍ଥା କରିବାକୁ ପଡ଼ିବ । ଏନେଇ ମୁଁ ଇଞ୍ଜିନିୟରଙ୍କୁ ପଠାଇଛି । ସାନିଟାରି ଇନ୍ସପେକ୍ଟର ଦେଖିକି ଆସିଛନ୍ତି । ତୁରନ୍ତ ଏହି ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି ।



କୃଷ୍ଣଚନ୍ଦ୍ର ପଣ୍ଡା



ବାବୁଲାଲ ଗନ୍ତାୟତ



ବିନୋଦଚନ୍ଦ୍ର ପଣ୍ଡା



ପର୍ଶୁରାମ ରାଉଳ

# ଜିଲା ପରିଷଦ ଅଧ୍ୟକ୍ଷ ନିର୍ବାଚନକୁ ନେଇ ଛକାପଞ୍ଝା

ଗୁଣପୁର,୧୪।୨(ଡି.ଏନ.ଏ)

ରାୟଗଡା ଜିଲା ପରିଷଦ ଅଧ୍ୟକ୍ଷ ନିର୍ବାଚନ ଆସନ୍ତା ୧୯ ତାରିଖରେ ଅନୁଷ୍ଠିତ ହେବ । ଏଥିଲାଗି ବିଭିନ୍ନ ଦଳ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ହେଲେ ଏହି ନିର୍ବାଚନ ନିର୍ଦ୍ଧାରିତ ତାରିଖରେ ହେବ ନା ନାହିଁ ତାହାକୁ ନେଇ ସନ୍ଦିହାନ ପ୍ରକାଶ ପାଇଛି । କାରଣ ଏହି ମାମଲା ଏବେ ହାଇକୋର୍ଟରେ ପହଞ୍ଚିଥିବା ଜଣାପଡିଛି । ଡିସେମ୍ବର ୨୪ ତାରିଖରେ ଜିଲା ପରିଷଦ ଅଧ୍ୟକ୍ଷ ପୁରୁଷୋତ୍ତମ ଗମାଙ୍ଗଙ୍କ ଦୁର୍ଘଟଣାରେ ମୃତ୍ୟୁ ପରେ ଏହି ପଦ ଖାଲି ରହିଛି । ଏବେ ଜିଲା ପରିଷଦ ଉପାଧ୍ୟକ୍ଷ ବୀଣାପାଣି ସାହୁକାର ଏହି ଦାୟିତ୍ୱ ତୁଲାଇ ଆସୁଛନ୍ତି । ବର୍ତ୍ତମାନ ଅଧ୍ୟକ୍ଷ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ପ୍ରକାଶିତ ଭୋଟର ତାଲିକା ପ୍ରକାରେ କଂଗ୍ରେସର ଜିଲା ପରିଷଦ ସଂଖ୍ୟା ୧୦ ରହିଥିବାବେଳେ ବିଜେଡିର ୭ ଏବଂ ଭାଜପାର ୪ ଜଣ ରହିଛନ୍ତି । ପଦ୍ମପୁର 'ଖ' ଜୋନ ଆସନ ପୁରୁଷୋତ୍ତମଙ୍କ ମୃତ୍ୟୁ ପରେ ଖାଲି ରହିଛି । ଏହି ସ୍ଥାନରେ ନିର୍ବାଚନ ନ ହୋଇ ଜିଲା ପରିଷଦ ଅଧ୍ୟକ୍ଷ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାରୁ ଏହାକୁ ନେଇ ଆରମ୍ଭ ହୋଇଛି ଆଇନଗତ ବିତର୍କ । ଏହାକୁ ନେଇ ମାମଲା ହାଇକୋର୍ଟରେ ପହଞ୍ଚିଥିବା ଶୁଣିବାକୁ ମିଳିଛି । ମାମଲାର ଶୁଣାଣି ପରେ ନିର୍ବାଚନର ଭାଗ୍ୟ ନିର୍ଦ୍ଧାରଣ ହେବ ବୋଲି ଆଲୋଚନା ହେଉଛି । କାଶୀପୁର 'ଗ' ଜୋନର ସଭ୍ୟ ନୀଳକଣ୍ଠ ଝୋଡିଆଙ୍କ ସଭ୍ୟ ପଦ ଜିଲା କୋର୍ଟ ରଦ୍ଦ କରିବା ପରେ ସେ ହାଇକୋର୍ଟର ଆଶ୍ରୟ ନେଇଛନ୍ତି । ମାମଲା ଏବେ ହାଇକୋର୍ଟରେ ବିଚାରାଧୀନ ରହିଥିବାରୁ ତାଙ୍କୁ ମିଶାଇ କଂଗ୍ରେସର ସଭ୍ୟ ସଂଖ୍ୟା ୧୦ ଜଣ ଅଛନ୍ତି । ଗତ ଜିଲା ପରିଷଦ ନିର୍ବାଚନରେ ୨୨ ଆସନ ମଧ୍ୟରୁ କଂଗ୍ରେସ ୧୧ ଟି ଦଖଲ କରିଥିବାବେଳେ ବିଜେଡି ୭ ଏବଂ ଭାଜପା ୪ଟି ଅକ୍ତିଆର କରିବାରେ ସଫଳ ହୋଇଥିଲେ । ପୁରୁଷୋତ୍ତମଙ୍କ ମୃତ୍ୟୁ ପରେ ଜିଲା ପରିଷଦ ୨୨ଟିରୁ ୨୧ ଜଣ ସଭ୍ୟ ରହିଛନ୍ତି । ବର୍ତ୍ତମାନ ୨୧ ଜଣ ସଭ୍ୟଙ୍କୁ ନେଇ ନିର୍ବାଚନ ହେବାର ଅଛି ।

# ବଚପନ ସ୍କୁଲର ବାର୍ଷିକ ଉତ୍ସବ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।

ରାୟଗଡ଼ା ଅଫିସ ,୧୪।୨

ରାୟଗଡ଼ାର ନ୍ୟୁ କଲୋନୀରେ ଥିବା ବଚପନ ସ୍କୁଲ ର ୫ମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଏମ୍‌ପି ସପ୍ତଗିରୀ ଉଲ୍ଲାକା ଯୋଗ ଦେଇ ପିଲାମାନଙ୍କୁ ଉତ୍ସାହିତ କରିବା ସହ ଭଲ ମଣିଷଟିଏ ହେବାକୁ ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ସିଆର୍‌ପିଏଫ୍ ୪ର୍ଥ ବାଟାଲିୟନର ସେକେଣ୍ଡ ଇନ କମାଣ୍ଡାଣ୍ଟ ଏସ.କେ. ଠାକୁର , ଡ଼. ଡି.ଏସ. ଦାସ, ବିଦ୍ୟାଳୟ ଅଧ୍ୟକ୍ଷ ଏଲ.ଏନ. ମୂର୍ତ୍ତି ମଞ୍ଚାସୀନ ଥିଲେ । ଅଶ୍ୱିନୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୨ଟି ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।

# ମାତୃ ପିତୃ ପୂଜନ ଦିବସ ପାଳିତ



ମାତାପିତାଙ୍କୁ ପୂଜାର୍ଚ୍ଚନା କରାଯାଉଛି ।

ଗୁଣପୁର/ଟିକିରି,୧୪।୨(ଡି.ଏନ.ଏ)

ଗୁଣପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଶୁକ୍ରବାର ପାଳିତ ହୋଇଛି ମାତୃ ପିତୃ ପୂଜନ ଦିବସ । ଏଥିରେ ଭାମିନୀ ଆଇଆର୍‌ବିଏନ୍‌ର କମାଣ୍ଡାଣ୍ଟ ଜୁରିଆ ବେହେରା ମୁଖ୍ୟଅତିଥି, ଡେପୁଟି ସୁବେଦାର ପଦ୍ମଚରଣ ମହାଲିକ ସମ୍ମାନିତ ଅତିଥି, ବିକ୍ରମପୁର ଅଦ୍ୱୈତ ବେଦାନ୍ତ ଆଶ୍ରମର ନଳିନୀ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମାତାପିତା ଏବଂ ପିଲାଙ୍କ ମଧ୍ୟରେ ରହିଥିବା କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଆଚାର୍ଯ୍ୟା ମମତା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଆଚାର୍ଯ୍ୟା ସଂଯୁକ୍ତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରେ ନିଜ ନିଜର ମାତାପିତାଙ୍କୁ ଚନ୍ଦନ, ସିନ୍ଦୁର, ଫୁଲ, ହଳଦିଆ ଚାଉଳ ସହ ଦୀପ ବନ୍ଦାଇ ପୂଜା କରିଥିଲେ । ସେହିପରି ୧୦ମ ଶ୍ରେଣୀର ପିଲାଙ୍କ ମାଟ୍ରିକ ପରୀକ୍ଷାର ଶୁଭମନାସି ଗାୟତ୍ରୀ ଯଜ୍ଞ ମଧ୍ୟ ଅନୁଷ୍ଠିତ ହୋଇଥିଲା । ପରିଚାଳନା ସମିତି ସଭାପତି ବି.ଗଜପତି ରାଓ, ସୋମନାଥ ଗୌଡ, ବି.ଗୋବିନ୍ଦରାଓ, ଲଳିତ ବୈଦ୍ୟଭୂଷଣ, ଜଗନ୍ନାଥ ପଟ୍ଟନାୟକ, ଅମ୍ବିକାରାଣୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏଥିସହ ପୁଲଓ୍ୱାମାଠାରେ ଗତ ବର୍ଷ ଏହି ଦିନରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ଏକ ସଭା କରାଯାଇ ସ୍ମୃତିଚାରଣ କରାଯାଇଥିଲା ।

ସେହିପରି ଟିକିରିସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରଠାରେ ମାତୃପିତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ହରିହର ମିଶ୍ର, କମଳଲୋଚନ ଖରା ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ । ପରେ ଛାତ୍ରୀଛାତ୍ରମାନେ ଗୁରୁଜୀ ଗୁରୁମା ଓ ପିତାମାତାଙ୍କୁ ପୂଜା କରିଥିଲେ । ଏହି କାର୍ଯ୍ୟକ୍ରମ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ରଘୁନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ଏଥିରେ ଗୁରୁମା ଗୁରୁଜୀ ତପସ୍ୱିନୀ ବେହେରା, ଅମ୍ବିକା ପାଣିଗ୍ରାହୀ, ସାଗରିକା ଦାସ, ସାଗରିକା ପରିଡା, ବନିତା ପଟ୍ଟନାୟକ, ପୁଷ୍ପାଞ୍ଜଳି ମିଶ୍ର, ବିଶ୍ୱମୋହନ ମହାନ୍ତି, ସୁଯୋଗ୍ୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଟ୍ରାକ୍ଟରକୁ ଧକ୍କା ଦେଲା ଅଟୋ, ୮ ଆହତ

ଗୁଣପୁର,୧୪।୨(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ସହର ବିକ୍ରମପୁର ହାଇସ୍କୁଲ ନିକଟରେ ଏକ ଅଟୋ ଟ୍ରାକ୍ଟରକୁ ଧକ୍କା ଦେବାରୁ ୮ ଜଣ ଆହତ ହୋଇଛନ୍ତି । ସେମାନଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଗୋଠଳପଦର, ବିଜୟପୁର, କଇଠପଦର ଏବଂ ପଗଡବିଲି ଅଞ୍ଚଳରୁ ମହିଳା ଏବଂ ପୁରଷ ପରିବା ଧରି ବିକ୍ରି କରିବାକୁ ଗୁଣପୁର ଆସୁଥିଲେ । ଏହି ସମୟରେ ଅଟୋ ଡ୍ରାଇଭର ଭାରସାମ୍ୟ ହରାଇ ଟ୍ରାକ୍ଟରକୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ବସିଥିବା ୬ ଜଣ ମହିଳାଙ୍କ ସମେତ ଜଣେ ପୁରୁଷ ଏବଂ ଅଟୋ ଡ୍ରାଇଭର ଏପରି ୮ ଜଣ ଆହତ ହୋଇଛନ୍ତି । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଟୋକୁ ଜବତ କରିବା ସହ ତଦନ୍ତ ଚଳାଇଛି ।

# ଓଆର୍‌ଏସ୍ ଅଧିକାରୀଙ୍କୁ ପଦୋନ୍ନତି

ଗୁଣପୁର,୧୪।୨(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁରଠାରେ କାର୍ଯ୍ୟ କରୁଥିବା ଦୁଇ ଓଆର୍‌ଏସ୍ ଅଧିକାରୀଙ୍କୁ ପଦୋନ୍ନତି ମିଳିଛି । ସେମାନେ ହେଲେ ଗୁଣପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସ ଏବଂ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ସହକାରୀ ଜିଲାପାଳ ରୀନା ପ୍ରଧାନ । ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଗୁରୁବାର ଏହି ବିଜ୍ଞପ୍ତି ପ୍ରକାଶ ପାଇଛି । ଦୁହେଁ ଓଆର୍‌ଏସ୍ ଗ୍ରୁପ ବି ଅଫିସର ଭାବେ କାର୍ଯ୍ୟ କରୁଥିବାବେଳେ ବର୍ତ୍ତମାନ ପଦୋନ୍ନତି ପାଇ ଓଏଏସ-ଏ(ଜୁନିୟର ବ୍ୟାଚ)କୁ ଯାଇଛନ୍ତି । ଉଭୟେ ପଦୋନ୍ନତି ପାଇ ନିଜ ନିଜ ସ୍ଥାନରେ କାର୍ଯ୍ୟ କରିବେ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି ।

# ପୁଲଓ୍ୱାମା ଶହୀଦଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା

ରାୟଗଡ଼ା ଅଫିସ/ଗୁଣପୁର/ବିଷମକଟକ,୧୪।୨ (ଡ଼ି.ଏନ.ଏ)

ପୁଲଓ୍ୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ବୀର ଯବାନଙ୍କ ଆତ୍ମାର ସଦ୍‌ଗତି କାମନା କରି ଶୁକ୍ରବାର ରାୟଗଡ଼ା ସହରରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା ଗଜପତି ଛକଠାରୁ ବାହାରି ସହର ପରିକ୍ରମା କରି ଗାନ୍ଧୀ ପ୍ରମୋଦ ଉଦ୍ୟାନଠାରେ ପହଞ୍ଚିଥିଲା । ସେଠାରେ ବୀର ଜବାନଙ୍କ ସ୍ମୃତିଚାରଣ କରାଯାଇଥିଲା । ସେହିପରି ଗୁଣପୁରଠାରେ ଶହୀଦ ଯବାନଙ୍କ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମ ପାଳିତ ହୋଇଛି । ଯୁବପିଢ଼ି ନୂତନ ବସଷ୍ଟାଣ୍ଡସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିବା ସହ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହାପରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ସେହିପରି ଶହୀଦ ଯବାନଙ୍କୁ ବିଷମକଟକ ସଦର ମହକୁମାର ମୁଖ୍ୟ ବଜାରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯିବା ସହ କ୍ୟାଣ୍ଡେଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଏଥିରେ ବିଷମକଟକ ଚତୁର୍ଥ ବାଟାଲିୟନର ଯବାନମାନେ ସାମିଲ ହୋଇଥିଲେ । ସ୍ଥାନୀୟ ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ର ଛାତ୍ରୀଛାତ୍ର ମଧ୍ୟ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ ।

# ମାତାପିତା ହିଁ ପ୍ରଥମ ଗୁରୁ

ମୁନିଗୁଡା,୧୪।୨(ଡ଼ି.ଏନ.ଏ)



ଛାତ୍ରୀଛାତ୍ର ମାତାପିତାଙ୍କୁ ପୂଜାର୍ଚ୍ଚନା କରୁଛନ୍ତି ।

ସାରା ଦେଶରେ ଫେବୃୟାରୀ ୧୪କୁ ଭାଲେଣ୍ଟାଇନ ଡ଼େ ପାଳନ କରାଯାଉଥିବା ବେଳେ ଏହି ଦିବସକୁ ଭିନ୍ନ ଭାବେ ପାଳନ କରିଛି ରାୟଗଡା ଜିଲା ମୁନିଗୁଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର । ଏହି ଦିବସକୁ ମାତୃପିତୃ ପୂଜନ ଦିବସ ଭାବେ ପାଳନ କରାଯାଇଛି । ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ବେରଦଲେଇ ଓ ବରିଷ୍ଠ ଗୁରୁଜୀ ଗିରିଜା ପ୍ରସାଦ ମିଶ୍ରଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ଭଗବାନ ପଣ୍ଡା ଓ ଅନୁଷ୍ଠାନ କୋଷାଧ୍ୟକ୍ଷ ରାମକୃଷ୍ଣ ପାଣିଗ୍ରାହୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଜୀବନରେ ମାତା ପିତା ହିଁ ପ୍ରଥମ ଗୁରୁ । ଭଗବାନ ସଦୃଶ । ସେମାନଙ୍କୁ ସବୁବେଳେ ଭକ୍ତି ଓ ନମ୍ରତାର ସହ ସମ୍ମାନ ଦେବାକୁ ପିରାମର୍ଶ ଦେଇଥିଲେ । ପରେ ଛାତ୍ରୀଛାତ୍ର ନିଜ ନିଜ ମା ଓ ବାପାଙ୍କୁ ପ୍ରଥମେ ଗୋଡ ଧୋଇ ଫୁଲ, ସିନ୍ଦୂର, ଚନ୍ଦନ ଦେଇ ପୂଜାର୍ଚ୍ଚନା କରିବା ସହ ମିଠା ଖୁଆଇ ଆଶୀର୍ବାଦ ନେଇଥିଲେ । ଏମାନଙ୍କ ଏପରି ମହତ୍ତ୍ୱ କାର୍ଯ୍ୟକୁ ନେଇ ଅଞ୍ଚଳରେ ବେଶ ପ୍ରଶଂସା ପାଇଛନ୍ତି । ଉକ୍ତ କାର୍ଯ୍ୟକ୍ରମକୁ ଶିଶୁ ମନ୍ଦିରର ଗୁରୁମା ସୁଜାତା ନାୟକ, ରଶ୍ମିତା ନାୟକ, କଳ୍ପନା ଦାସ, କୁମୁଦିନୀ ପଣ୍ଡା, କୁସୁମାଞ୍ଜଳି ରଥ, ସୁନିତା ପ୍ରଧାନୀ, ଗୁରୁଜୀ ସୁବ୍ରତ ପାତ୍ର, ଅନିରୁଦ୍ଧ ବେହେରା, ଅନୁରୋଧ କରକରିଆ ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ ।

NATION TAX MARKET

TENDER CALL NOTICE

GST & Central Excise Division, Bhubaneswar-II Division invited sealed tender for hiring new office premises at Puri for Puri Range-I & II Office. The detailed advertisement is available on **http://www.cbec.gov.in/htdocs-cbec/tender-idx.** Eligible parties interested to participate may submit the duly filled in tender by **15:00** Hrs. on **16.03.2020** to the Assistant Commissioner, GST & CX, Bhubaneswar-II Division, Plot-258, District Centre, Chandrasekharpur, Bhubaneswar-751016.

Sd/-
Assistant Commissioner
GST & CX, Bhubaneswar-II Division, Bhubaneswar

ଭାରତୀୟ ରିଜର୍ଭ ବ୍ୟାଙ୍କ୍
RESERVE BANK OF INDIA
www.rbi.org.in

୨ ବର୍ଷୀୟ ରାଜ୍ୟ ସରକାର ପ୍ରତିଭୂତି ନିଲାମୀ

ଓଡ଼ିଶା ରାଜ୍ୟ ସରକାରଙ୍କ ସର୍ବମୋଟ ₹ ୧୦୦୦.୦୦ କୋଟି ଟଙ୍କା (ଅଙ୍କିତ ମୂଲ୍ୟ)ର ପ୍ରତିଭୂତି ନିଲାମ ପ୍ରକ୍ରିୟାରେ ବିକ୍ରିକରିବାର ପ୍ରସ୍ତାବ କରିଅଛନ୍ତି । ଏକାଧିକ ମୂଲ୍ୟ ଫର୍ମାଟ୍ ଅନ୍ତର୍ଗତ ପ୍ରତିଫଳ (*yield*) ଏହି ନିଲାମ ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର କୋର୍ ବ୍ୟାଙ୍କିଙ୍ଗ୍ ସମାଧାନ (ଇ-କୁବେର) ମାଧ୍ୟମରେ ୧୭ ଫେବୃୟାରୀ ୨୦୨୦ (ସୋମବାର) ଦିନ ଆୟୋଜନ କରାଯିବ । ଏ ସମ୍ପର୍କିତ ଅଧିକ ସୂଚନା ପାଇଁ, ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ୱେବସାଇଟ୍ (**www.rbi.org.in**) ୧୩ ଫେବୃୟାରୀ ୨୦୨୦ (ଗୁରୁବାର) (ଶୁକ୍ରବାର)ରେ ପ୍ରକାଶିତ ଆରବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ ।

"ଇ-ମେଲ୍/ଏସ୍.ଏମ୍.ଏସ୍./ଟେଲିଫୋନ୍ ମାଧ୍ୟମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ପାଇଁ ଠକାମୀରେ ପଡନ୍ତୁ ନାହିଁ"

**SAMBALPUR UNIVERSITY**
Jyoti Vihar, Burla-768019, Sambalpur (Odisha) www.suniv.ac.in

**Advertisement For Teaching Posts**

Applications in prescribed format are invited from the eligible candidates for the posts of **Assistant Professors, Associate Professors and Professors** in different subjects of Sambalpur University, Jyoti Vihar, Burla, Sambalpur, Odisha. **The last date for submission of application is 16.03.2020.** The candidates are requested to visit the University Website **www.suniv.ac.in** for post-wise Advertisement No., qualifications and other terms and conditions. **Sd/- Registrar**